## ୧୩୦୦ ମକଦ୍ଦମା ଆପୋସ ସମାଧାନ

ଭଦ୍ରକ,୮।୩ (ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ଜିଲା କୋର୍ଟ ପରିସରରେ ଶନିବାର ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଚିବ ନେହା ଅଗ୍ରୱାଲ ପରିଚାଳନା କରିଥିଲେ। ୪,୩୩,୯୨,୨୯୮ ଟଙ୍କାରେ ୧୩୦୦ଟି ମକଦ୍ଦମାର ଆପୋସ ସମାଧାନ କରାଯାଇଛି। ମୋଟରଯାନ ଦୁର୍ଘଟଣା ଜନିତ ଟ୍ରିବ୍ୟୁନାଲର ବିଚାରାଧୀନ ଥିବା ୩୬ଟି, ୩୪ଟି ଚେକ୍ ବାଉନ୍ସ, ୨୦ଟି ବୈବାହିକ ବିବାଦ, ୮୮୫ଟି ରାଜସ୍ୱ, ୫୦ଟି ଅନ୍ୟାନ୍ୟ ଦେୱାନୀ, ୧୯୮ଟି ବ୍ୟାଙ୍କ ଋଣ, ଭାରତ ସଞ୍ଚାର ନିଗମ ଲିମିଟେଡ୍‌ର ଟେଲିଫୋନ୍‌ବିଲ୍‌ସମ୍ବନ୍ଧୀୟ ୧୦ଟି ମାମଲା ଆଦି ସମାଧାନ କରାଯାଇଥିଲା।

# ମିଳିନି କ୍ଷତିପୂରଣ, କରାଯାଇନି ଥଇଥାନ

### ଜିଲାପାଳଙ୍କ କାର୍ଯ୍ୟାଳୟରେ ବ୍ୟବସାୟୀଙ୍କ ଅଭିଯୋଗ

ତିହିଡ଼ି, ୮।୩(ସଞ୍ଜିତ ବଳ)

ତିହିଡ଼ି ବଜାରରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆସନ୍ତା ୧୦ ତାରିଖ ମଧ୍ୟରେ ଜାଗା ଖାଲି କରିବାକୁ ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଥିବା ବେଳେ ବଜାରରେ ବାକି ଥିବା ମାପଚୁପ ମଧ୍ୟ କରାଯାଇଛି। ବଜାରର ଉଭୟ ପାର୍ଶ୍ୱରେ ସରକାରୀ ଜାଗାକୁ ଅବରୋଧମୁକ୍ତ କରାଯିବା ଏକପ୍ରକାର ନିଶ୍ଚିତ ହୋଇଥିବାବେଳେ ବ୍ୟବସାୟୀମାନେ ଥଇଥାନ ପାଇଁ ଅପେକ୍ଷା କରି ରହିଛନ୍ତି। ବଜାରର ଦକ୍ଷିଣ ପାର୍ଶ୍ୱରେ ଥିବା ବ୍ୟବସାୟୀମାନେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏନେଇ ଅଭିଯୋଗ କରିଛନ୍ତି। ସେମାନଙ୍କୁ କ୍ଷତିପୂରଣ ମିଳି ନ ଥିବାବେଳେ ଥଇଥାନ ମଧ୍ୟ କରାଯାଇ ନ ଥିବା ଦର୍ଶାଇ ନ୍ୟାୟୋଚିତ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ତିହିଡ଼ି ବଜାରରେ ସେମାନେ ଦୀର୍ଘବର୍ଷ ହେଲା ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ପୂର୍ବରୁ ବଜାରର ଉତ୍ତରପାର୍ଶ୍ୱରେ ଥିବା ଦୋକାନୀମାନଙ୍କୁ କ୍ଷତିପୂରଣ ଦିଆଯିବା ପରେ ଉଚ୍ଛେଦ କରାଯାଇଥିଲା। ମାତ୍ର ଦକ୍ଷିଣପାର୍ଶ୍ୱ ବ୍ୟବସାୟୀମାନଙ୍କୁ ଥଇଥାନ କରାଯିବା ତ ଦୂରର କଥା କ୍ଷତିପୂରଣ ମଧ୍ୟ ମିଳିପାରି ନାହିଁ। ୨୦୨୧ରେ ନିଆଁ ଲାଗି ସେମାନଙ୍କ ଦୋକାନ ଗୃହ ସବୁ ଜଳିଯାଇଥିଲା। ବହୁ ଅର୍ଥ ବ୍ୟୟ କରି ସେମାନେ ଦୋକାନ ଗୃହ ନିର୍ମାଣ କରି ବ୍ୟବସାୟ କରୁଛନ୍ତି। ଉଚ୍ଛେଦ କରାଗଲେ ସେମାନେ ଦାଣ୍ଡର ଭିକାରୀ ପାଲଟିଯିବେ ବୋଲି ଦର୍ଶାଇଛନ୍ତି। ଏପରି ସ୍ଥଳେ ଉଚ୍ଛେଦ ପୂର୍ବରୁ ସେମାନଙ୍କ ପାଇଁ କ୍ଷତିପୂରଣ ଓ ଥଇଥାନ ବ୍ୟବସ୍ଥା କରାଯିବାକୁ ଚକ୍ରଧର ଓଝା, ମଧୁସୂଦନ ନାୟକ, କାଶୀନାଥ ବେହେରା, ବିଜୟ କୁମାର ବିଶ୍ୱାଳ, ମାଧବାନନ୍ଦ ନାୟକ, ବାବୁରାମ ଦାସ, ସୁରେଶ ଚନ୍ଦ୍ର ଗୁପ୍ତା, କିଷାନ ଗୁପ୍ତା, ରବୀନ୍ଦ୍ର ନାୟକ, ସତ୍ୟଜିତ କର, ସୁରଜିତ୍ କର ପ୍ରମୁଖ ଦାବି କରିଛନ୍ତି। ସେମାନଙ୍କ ଅଭିଯୋଗ ପତ୍ରକୁ ବିଚାର ହେବାକୁ ଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇ ଦିଆଯାଇଥିବା ଜଣାଯାଇଛି।

# ଅନ୍ତର୍ଜାତୀୟ ମହିଳା ଦିବସ



ବନ୍ତ ହାଟ ପଡ଼ିଆଠାରେ ଅନୁଷ୍ଠିତ ସଭାରେ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ସହ ବିଜେଡି ନେତୃବୃନ୍ଦ।

ବନ୍ତ, ୮।୩ (ହରିନାରାୟଣ ମହାନ୍ତି)

ବନ୍ତ ହାଟ ପଡ଼ିଆଠାରେ ଶନିବାର ଅପରାହ୍ଣ ୪ଟା ୩୦ରେ ବିଜେଡି ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ନାରୀଙ୍କ ଭୂମିକା ସେହି ନାରୀ ହିଁ ବୁଝିପାରିବେ। ବିଜୁ ବାବୁ ମହିଳାମାନଙ୍କୁ ସମ୍ମାନ ଦେବା ସହ ମହିଳା ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ୨୪ବର୍ଷ ଧରି ମହିଳାମାନଙ୍କ ବିକାଶ ଉପରେ ଗୁରୁତ୍ୱ ଦେଇ ଆସିଥିଲେ ବୋଲି ବକ୍ତାମାନେ କହିଥିଲେ। ପ୍ରାରମ୍ଭରେ ବିଜୁ କଲ୍ୟାଣ ମଣ୍ଡପସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁଙ୍କ ସଭାପତିତ୍ୱରେ 'ମହିଳା ସଶକ୍ତୀକରଣରେ ବିଜେଡିର ଭୂମିକା' ବିଷୟ ଉପରେ ଅନୁଷ୍ଠିତ ସଭାରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ସରପଞ୍ଚ ଗୀତିକା ଭୋଇ, ବିନୋଦିନୀ ମହାନ୍ତି, ମାଳତୀଲତା ପୃଷ୍ଟି, ରଶ୍ମିତା ସେଠୀ, ସମିତିସଭ୍ୟା ପଦ୍ମାବତୀ ନାଥଶର୍ମା, ଅତସ୍ମିତା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ତୋଡ଼ଗାଁ ପଞ୍ଚାୟତ ସଭାନେତ୍ରୀ ତିଳୋତ୍ତମା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବନେତା ସୁବାଷ ଦାସ, ଯୁବ ସଭାପତି ବିପିନ ନାୟକ, ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ବ୍ଲକ ଛାତ୍ର ସଭାପତି ପ୍ରଣବ କିଶୋର ଲେଙ୍କା, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ଦାଶ, ବରିଷ୍ଠ ନେତା ସେକ୍ ଜଲାଲଉଦ୍ଦୀନ, ଆଲୋକ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ୨୫ ପଞ୍ଚାୟତରୁ ବହୁ ମହିଳା କର୍ମୀ ଏଥିରେ ଯୋଗ ଦେଇଥିଲେ।

ତିହିଡ଼ି (ସଞ୍ଜିତ ବଳ)

ମହିଳାମାନେ ନିଜର ଅନ୍ତର୍ନିହିତ ଶକ୍ତିକୁ ଚିହ୍ନିବା ଆବଶ୍ୟକ। ଯାହାଦ୍ୱାରା ସେମାନେ ନିଜର ପରିଚୟ ସୃଷ୍ଟି କରିପାରିବେ ବୋଲି ଭାରତୀୟ ଷ୍ଟେଟ ବ୍ୟାଙ୍କର ତିହିଡ଼ି ଶାଖା ପରିସରରେ ଶୁକ୍ରବାର ଅପରାହ୍ଣ ୫ଟାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଶାଖା ପରିଚାଳକ ଶିବାଶିଷ ଷଡ଼ଙ୍ଗୀ କହିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଫିଲ୍ଡ ଅଫିସର ଦୁର୍ଗା ଫେରିଦ୍‌ନନ୍ଦ ହେମ୍ବ୍ରମ ପୌରୋହିତ୍ୟ କରିଥିଲେ। ବ୍ୟାଙ୍କ କର୍ମଚାରୀ ସସ୍ମିତା ନାୟକ, ଅନୁରାଧା ପଣ୍ଡା, ରାଜଦୀପ ମହାନ୍ତି, ଅଜୟ କୁମାର ମିଶ୍ରଙ୍କ ସମେତ ଲକ୍ଷ୍ମୀପ୍ରିୟା ଦାସ, ଶୁଭଲକ୍ଷ୍ମୀ ଦାସ, ମାନସୀ ପଣ୍ଡା ପ୍ରମୁଖ ଯୋଗଦେଇ ମହିଳାମାନେ ସଶକ୍ତ ହେଲେ ସମାଜର ଅଭିବୃଦ୍ଧି ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ମନ୍ଦାକିନୀ ଦାସ, କୁସୁମ ପରିଡ଼ା, ରଶ୍ମିତା ରାଉତ, ବାସନ୍ତୀ ପରିଡ଼ା, ସୁମିତ୍ରା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସିଦ୍ଧେଶ୍ୱର ଦତ୍ତ, ସୁରେଶ ପାଣିଗ୍ରାହୀ, ଗୌରହରି ବେହେରା, ରାକେଶ ସିଂହ, ଲକ୍ଷ୍ମୀଧର ବେହେରା ପ୍ରମୁଖ ବ୍ୟାଙ୍କ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଚାନ୍ଦବାଲି (କିଷାନ ପାତ୍ର)

ଚାନ୍ଦବାଲି ଏନ୍‌ଏସି ପକ୍ଷରୁ ଶନିବାର ପୂର୍ବାହ୍ଣ ୧୦ଟାରେ ବିଜୁ ସ୍ମୃତି ଭବନ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା। କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଭାସ ରଞ୍ଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ ଯୋଗଦେଇ ରାଜ୍ୟ ଓ ଦେଶ ଗଠନରେ ମହିଳାମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ସଞ୍ଜୀବ କୁମାର ମହାପାତ୍ର କବିତା ମାଧ୍ୟମରେ ମହିଳାମାନଙ୍କ ଅଧିକାର ଓ ସୁରକ୍ଷା ବିଷୟରେ ବୁଝାଇଥିଲେ। ଏହି ଅବସରରେ ୫୦ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ମହିଳା ପାରିଷଦ ଯୋଗ ଦେଇଥିଲେ। ଭାଜପା ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, କୃଷକ ମୋର୍ଚ୍ଚା ସଭ୍ୟ ଉପେନ୍ଦ୍ର ରାଉଳ, ପୂର୍ଣ୍ଣଚନ୍ଦ୍ର ପାଣି, ଶଶୀକାନ୍ତ ଦାସ, ଚନ୍ଦନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଭଦ୍ରକ (ରବିନାରାୟଣ ଖିଲାର)

ଭଦ୍ରକ ନିର୍ବାଚନମଣ୍ଡଳୀ ବିଜୁ ମହିଳା ଜନତା ଦଳ ପକ୍ଷରୁ ଶନିବାର ପୂର୍ବାହ୍ଣ ୧୦ଟାରେ ଶହୀଦ ସ୍ମୃତି ଭବନଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। 'ମହିଳା ସଶକ୍ତୀକରଣରେ ବିଜେଡିର ଭୂମିକା' ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ, ପ୍ରାକ୍ତନ ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ, କ୍ଷୀରୋଦ ରାଉତ, ପଙ୍କଜ କୁମାର ବଳ, ବିକାଶ ଶ୍ରେଷ୍ଠା, ନାରୀନେତ୍ରୀ ଦେବୀଦତ୍ତା ମହାନ୍ତି, ରାଜଲକ୍ଷ୍ମୀ ମହାପାତ୍ର, ଜାନକୀ ଚାନ୍ଦ, ସୁମତୀ ପଣ୍ଡା, ରିଚିସ୍ମିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ସମ୍ପାଦିକା ତଥା ଭଦ୍ରକର ପୁରାତନ ଫ୍ଲୋରା ପାର୍ଲର ମୁଖ୍ୟ ଅଞ୍ଜନା ମିଶ୍ରଙ୍କ ସମେତ ବହୁ ପ୍ରତିଭାଧାରୀ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଭଦ୍ରକରେ ମହିଳା ସଙ୍ଗଠନ ସମ୍ପାଦିକା ଅଞ୍ଜନା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସିରିଜ୍ ଚୋରି, ଘରୁ ଟେକିନେଲେ ଟ୍ରଙ୍କ୍

ଭଣ୍ଡାରିପୋଖରୀ,୮।୩(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ରହଣିଆ ପଞ୍ଚାୟତର ଆକୁଳିଶା ଗ୍ରାମରେ ଶୁକ୍ରବାର ମଧ୍ୟରାତ୍ରରେ ସିରିଜ୍ ଚୋରି ହୋଇଛି। ଚୋରମାନେ ଘରୁ ଆଲମିରା, ଟ୍ରଙ୍କ୍ ଆଦି ଟେକିନେଇ ପ୍ରାୟ ଅଧ କିଲୋମିଟର ଦୂରରେ ଭଙ୍ଗାରୁଜା କରି ସୁନା, ରୁପା ଅଳଙ୍କାର ସହ ନଗଦ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗ୍ରାମର ଗୋବିନ୍ଦ ବାରିକ ଓ ଗଣେଶ ବାରିକ ୨ ଭାଇ ସମ୍ପର୍କୀୟଙ୍କ ବାହାଘର ପାଇଁ ବାହାରକୁ ଯାଇଥିଲେ। ଘର ମୁଖ୍ୟ ଦରଜାରେ କବାଟ ନ ଥିଲା। ୩ଟି କୋଠରି ମଧ୍ୟରୁ ଗୋଟିଏ କୋଠରିରେ ଗଣେଶଙ୍କ ଭଉଣୀ ଲକ୍ଷ୍ମୀପ୍ରିୟା ଶୋଇଥିଲେ। ଅନ୍ୟ ୨ କୋଠରିରେ ତାଲା ପଡ଼ି ନ ଥିଲା। ଏହାର ସୁଯୋଗ ନେଇ ଚୋରମାନେ ଲକ୍ଷ୍ମୀପ୍ରିୟାଙ୍କ କୋଠରି ବାହାର ପଟୁ ବନ୍ଦ କରି ଅନ୍ୟ ୨ କୋଠରିରୁ ଆଲମିରା, ଟ୍ରଙ୍କ୍ ଆଦି ବୋହି ନେଇ ଯାଇଥିଲେ। ସେହିପରି ଗୋବିନ୍ଦଙ୍କ ଘରଠାରୁ ବହୁ ଦୂରରେ ଥିବା ପ୍ରଫୁଲ୍ଲ ବେହେରାଙ୍କ ଘରକୁ ଟାର୍ଗେଟ୍ କରିଥିଲେ। ପ୍ରଫୁଲ୍ଲ ବାହାରେ ରହୁଥିବା ବେଳେ ସ୍ତ୍ରୀ ସତ୍ୟଭାମା ଓ ପିଲାମାନେ ଗୋଟିଏ କୋଠରିରେ ଶୋଇଥିଲେ। ଦୁର୍ବୃତ୍ତମାନେ ସତ୍ୟଭାମାଙ୍କ କୋଠରିକୁ ବାହାରପଟୁ ବନ୍ଦ କରି ଅନ୍ୟ କୋଠରିର ତାଲା ଭାଙ୍ଗି ଚୋରି କରିଥିଲେ। ଗ୍ରାମର ନାରାୟଣ ସାହୁଙ୍କ ଘରେ ଚୋରମାନେ ଚୋରି ଉଦ୍ୟମ କରିଛନ୍ତି। ପୋଲିସ ସକାଳ ୭ଟାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଗଣେଶଙ୍କ ମା' ବଉଳ ଓ ପ୍ରଫୁଲ୍ଲଙ୍କ ସ୍ତ୍ରୀ ସତ୍ୟଭାମା ଚୋରି ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅନୁସନ୍ଧାନକାରୀ ଦଳ ଓ କୁକୁର ସହାୟତାରେ ତଦନ୍ତ କରିଛି। ଏନେଇ ଥାନାରେ ମାମଲା (ନଂ.୧୧୫/୨୫) ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ସନ୍ଦେହରେ ୪ ଜଣଙ୍କୁ ଅଟକ ରଖିଛି।

# ଗୋଟିଏ ରାତିରେ ୩ ମନ୍ଦିରରୁ ଚୋରି

### ନେଇଗଲେ ଦାନବାକ୍ସ

ବାସୁଦେବପୁର,୮।୩(ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ପୌରପାଳିକା ଅଧୀନ ୩ ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଭୈରବପୁର ଗ୍ରାମରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିର ଓ ଏହା ପରିସରରେ ଥିବା ହନୁମାନ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଛି। ସେହିପରି ବଂଶୀପାଟଣା ଗ୍ରାମରେ ଥିବା ହନୁମାନ ମନ୍ଦିରର ଦାନବାକ୍ସ ଭାଙ୍ଗି ସେଥିରେ ଥିବା ଭକ୍ତଙ୍କ ଦାନ ଟଙ୍କାକୁ ଚୋରମାନେ ଚୋରି କରି ନେଇଛନ୍ତି।

ସୂଚନା ଅନୁଯାୟୀ, ଚୋରମାନେ ଭୈରବପୁର ଗ୍ରାମରେ ଥିବା ପୁରାତନ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରବେଶ ଦ୍ୱାର ତାଲା ଓ ମୁଖ୍ୟ ତାଲା କାଟି ଚୋରି କରିଛନ୍ତି। ଲକ୍ଷ୍ମୀନାରାୟଣଙ୍କ ସୁନାଚକ୍ଷୁ ୨ ହଳ, ୬ଟି ସୁନା ତିଳା, ଗୋଟିଏ ନଗଲସୂତ୍ର, ହଳେ ସୁନା କାନଫୁଲ, ଗୋଟିଏ ସୁନା ତୁଳସୀମାଳା, ହଳେ ସୁନାବଳା, ଗୋଟିଏ ସୁନା ଲକେଟ୍, ରୁପା ପାଉଁଜି ହଳେ, ଗୋଟିଏ ରୁପା ତୁଳସୀମାଳା, ଗୋଟିଏ ରୁପାହାର ଓ ୨ଟି ରୁପା ମୁକୁଟ ଚୋରି କରିବା ସହ ଲକ୍ଷ୍ମୀନାରାୟଣଙ୍କ ବିଗ୍ରହ ଆଖିରେ ଲାଗିଥିବା ସୁନା ଚକ୍ଷୁକୁ ତାଡ଼ି ନେଇଯାଇଛନ୍ତି। ସେହିପରି ଏହି ବେଢ଼ାରେ ଥିବା ହନୁମାନ ମନ୍ଦିର ତାଲା କାଟି ଗୋଟିଏ ରୁପା ମୁକୁଟ ଓ ଗୋଟିଏ ରୁପାହାର ମହାବୀରଙ୍କ ବିଗ୍ରହରୁ ଚୋରି କରି ନେଇଛନ୍ତି। ଚୋରମାନେ ମନ୍ଦିର ବେଢ଼ାରେ ରହୁଥିବା ପୂଜକ ସନାତନ ଶତପଥୀ ଓ ତାଙ୍କ ସ୍ତ୍ରୀଙ୍କୁ ସେମାନେ ରହୁଥିବା ଆଶ୍ରୟ ଘରର ବାହାରପଟୁ ଜଞ୍ଜିର ଦେଇ ଏହି ଚୋରି କରିଥିବା ଜଣାପଡ଼ିଛି। ସେହିପରି ବାସୁଦେବପୁର ସହର ସଂଲଗ୍ନ ବଂଶୀପାଟଣାଠାରେ ଥିବା ହନୁମାନ ମନ୍ଦିରର ଦାନବାକ୍ସକୁ ଚୋରମାନେ ଭାଙ୍ଗି ଟଙ୍କା ନେଇଯାଇଛନ୍ତି। ଏ ବାବଦରେ ଶନିବାର ସକାଳେ ଜଣାପଡ଼ିବା ପରେ ସ୍ଥାନୀୟ ବାସୁଦେବପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିବା ବେଳେ ଚୋରମାନଙ୍କୁ ଠାବ କରାଯାଇପାରି ନାହିଁ। ଚୋରମାନଙ୍କୁ ତୁରନ୍ତ ଧରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ପୋଲିସ ତଦନ୍ତ କରୁଛି।

# ସଶସ୍ତ୍ର ଡକାୟତି: ଟଙ୍କା ସହ ଅଳଙ୍କାର ନେଇଗଲେ

ସାବରଙ୍ଗ,୮।୩(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ଗୋପବନ୍ଧୁନଗର ବୁଢ଼ୀ ଛକଠାରେ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରଫୁଲ୍ଲ ଆଦକଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଛି। ଘରେ ପ୍ରଫୁଲ୍ଲଙ୍କ ସ୍ତ୍ରୀ ଏକୁଟିଆ ଥିବାବେଳେ ଡକାୟତମାନେ କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ପ୍ରଫୁଲ୍ଲଙ୍କ ସ୍ତ୍ରୀ ଉଠି ପଡ଼ିବାରୁ ତାଙ୍କୁ ମାରଣାସ୍ତ୍ର ଦେଖାଇ ସେମାନେ ଆଲମିରାରେ ଥିବା ନଗଦ ୬୦ ହଜାର ଟଙ୍କା ସହ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ନେଇଥିବା ପ୍ରଫୁଲ୍ଲ କଷିଆ ସାମୁଦ୍ରିକ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ମାମଲା (ନଂ.୩୪/୨୫) ରୁଜୁ ହୋଇଛି। ଥାନାଧିକାରୀ ସାବିତ୍ରୀ ପଣ୍ଡା ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଛନ୍ତି।

# ୨ ଏସ୍କେପ୍‌ର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର



ଏସ୍କେପ୍ ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଧାମନଗର/ ଦୋବଲ, ୮।୩ (ଦେବେନ୍ଦ୍ର ଆଡିଆ/ ସନ୍ତୋଷ ମହାପାତ୍ର/ମଦନମୋହନ ଦାସ)

ଧାମନଗର ବ୍ଲକରେ ବୈତରଣୀ ନଦୀର ଗୌରାଙ୍ଗପୁର ଓ ମଲ୍ଲିମାହାରା ଏସ୍କେପର ସୁରକ୍ଷା, ପୁନରୁଦ୍ଧାର ପାଇଁ ଶନିବାର ଅପରାହ୍ଣ ୫ ଟାରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଦୁଇଟି ସ୍ଥାନରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବୈତରଣୀ ବାମପାର୍ଶ୍ୱ ନଦୀବନ୍ଧ ଆନନ୍ଦପୁର ପଞ୍ଚାୟତର ମଲ୍ଲିମାହାରା ଏସ୍କେପ୍ ପାଇଁ ୨ କୋଟି ୧୧ ଲକ୍ଷ ୯୨ ହଜାର ଟଙ୍କା ଓ ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସ୍କେପ୍ ନିମନ୍ତେ ୨ କୋଟି ୮ ଲକ୍ଷ ୧୫ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଦୁଇ ଏସ୍କେପ୍‌ର ନିର୍ମାଣ କାର୍ଯ୍ୟ ୬ମାସ ଭିତରେ ସମ୍ପୂର୍ଣ୍ଣ ହେବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ ସୂଚନା ଦେଇଛନ୍ତି। ବନ୍ୟା ସମୟରେ ସାଧାରଣ ଲୋକେ ସମ୍ମୁଖୀନ ହେଉଥିବା ସମସ୍ୟା ସମାଧାନରେ ଏହା ସହାୟକ ହେବ ବୋଲି ସେ କହିଥିଲେ।

### ୬ମାସ ଭିତରେ ସରିବ ନିର୍ମାଣ କାର୍ଯ୍ୟ

ଧାମନଗର ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ, ବରିଷ୍ଠ ଭାଜପା ନେତା ଅଶୋକ କୁମାର ପୁହାଣ, ମନୋରଞ୍ଜନ ମଲ୍ଲିକ, ଚତୁର୍ଭୁଜ ନାୟକ, ରଘୁନାଥ ଲେଙ୍କା, କୈଳାସ ମହାପାତ୍ର, ବୁଦ୍ଧଦେବ ଜେନା, ଅରବିନ୍ଦ ପତି, ରମେଶ ଚନ୍ଦ୍ର ପତି, ପ୍ରମୋଦ କୁମାର ଆଡିଆ, ରଞ୍ଜନ କୁମାର ମହାନ୍ତି, ରାମଚନ୍ଦ୍ର ମିଶ୍ର, ସନ୍ତୋଷ ଦାସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଯନ୍ତ୍ରୀ କିଶୋର ଦାସ, କ୍ଷେତ୍ରପୁର ସେକ୍ସନର କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ, ଉମାକାନ୍ତ ଘୋଷ, କୈଳାସ ଜେନା, ନିରଞ୍ଜନ ରାଉତ, ଅଶୋକ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ମହିଳା ସଙ୍ଗଠନ 'ଅନୁକମ୍ପା' ଗଠିତ

ଧୁଷୁରୀ, ୮।୩ (ଦୀପ୍ତି ରଞ୍ଜନ ନାୟକ)

ଅନ୍ତର୍ଜାତୀୟ ମହିଳା ଦିବସରେ ଧାମନଗର ବ୍ଲକର ଧୁଷୁରୀ ଅଞ୍ଚଳରେ ପ୍ରଥମଥର ପାଇଁ ଏକ ମହିଳା ସଙ୍ଗଠନ ଗଠିତ ହୋଇଛି। ଏହି ଉପଲକ୍ଷେ ଶନିବାର ପୂର୍ବାହ୍ଣ ୧୧ଟା ୩୦ରେ ଧୁଷୁରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମାର୍ଗଦର୍ଶକ ସନ୍ତୋଷ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାହିତ୍ୟିକ ଅଧ୍ୟାପକ ରବୀନ୍ଦ୍ର ବେହୁରିଆ, ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ସାମାଜିକ କର୍ମୀ ଲତିବ କୁମାର ଓଝା, ଧୁଷୁରୀ ପ୍ରେସ୍ ୟୁନିୟନ କୋଷାଧ୍ୟକ୍ଷ ରତିକାନ୍ତ ନାୟକ ପ୍ରମୁଖ ମହିଳା ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। 'ଅନୁକମ୍ପା' ନାମରେ ଏକ ମହିଳା ସଙ୍ଗଠନ ଗଠନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଏଥିରେ ୪୩ଜଣ ସଦସ୍ୟ ଯୋଗ ଦେଇଥିଲେ। ସଙ୍ଗଠିକା ଅଞ୍ଜନା ଲେଙ୍କା ସଭାପତି, ସୁଶ୍ରୀ ଅଞ୍ଜନା ମହାକୁଲଙ୍କୁ ସାଧାରଣ ସମ୍ପାଦିକା, ନାରୀ କବି ଆଦରମଣି ପ୍ରଧାନଙ୍କୁ ସମ୍ପାଦିକା, ବିମଳା ନାଥ ଓ କଳ୍ପନା ମଞ୍ଜରୀ ଦାସଙ୍କୁ ଉପସଭାପତି, ଗୀତାରାଣୀ ମଲ୍ଲିକ ଓ ମମତାରାଣୀ ଜେନାଙ୍କୁ ସହ ସମ୍ପାଦିକା ଏବଂ କଳ୍ପନା ନାୟକଙ୍କୁ କୋଷାଧ୍ୟକ୍ଷା ଭାବେ ମନୋନୀତ କରାଯାଇଛି। ସଙ୍ଗଠନର ସଭ୍ୟା ବିଳାସିନୀ ବିଶ୍ୱାଳ, ହୋନାଲିଶା ଚୁହାଣ, ମନୋରମା ବାରିକ, ମମତା ପାଣି, ସନ୍ଧ୍ୟାରାଣୀ ମାଝୀ, ରୀତା ବାରିକ ପ୍ରମୁଖ ନବଗଠିତ ମହିଳା ସଙ୍ଗଠନ ବାବଦରେ ମତାମତ ରଖିଥିଲେ।



ମଞ୍ଚରେ ଉପସ୍ଥିତ ସଙ୍ଗଠନର ନୂତନ କର୍ମକର୍ତ୍ତା।

# 'ସମାଜ ଗଠନରେ ନାରୀଙ୍କ ଭୂମିକା ଅତୁଳନୀୟ'

ଭଦ୍ରକ,୮।୩(ସନାତନ ରାଉତ)

ଭଦ୍ରକ ଜିଲା କାଦବରାଙ୍ଗସ୍ଥିତ ଧବଳେଶ୍ୱର ମହିଳା ମହାସଂଘ ଆନୁକୂଲ୍ୟରେ ଶନିବାର ଅପରାହ୍ଣ ୪ଟାରେ ସଂଘ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ପୂର୍ବତନ ସରପଞ୍ଚ ଭାଗୀରଥି ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାରୀନେତ୍ରୀ ସୁରଜିତା ନାୟକ ଯୋଗଦେଇ କହିଥିଲେ, ସମାଜ ଗଠନରେ ନାରୀଙ୍କ ଭୂମିକା ଅତୁଳନୀୟ। ମହିଳାମାନଙ୍କୁ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ସମାନ ଅଧିକାର ପ୍ରଦାନ ସହ ସମାଜକୁ ନାରୀ ହିଂସାମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ବରେଣ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଯୋଗଦେଇ ସମାଜରେ ସୁଧାର ଆଣିବାରେ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କ ଭୂମିକା ଅଧିକ ରହିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ ତଅପୋଇ ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିକାଶ ରାଉତ, ସେବା ସମବାୟ ସମିତି ସଭାପତି ବାସୁଦେବ ଜେନା, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ପହି, ମହାସଂଘର ସମ୍ପାଦିକା ସରୋଜିନୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାସଂଘର ଏମ୍‌ବିକେ କମଳା ମିଶ୍ରଙ୍କ ସଂଯୋଜନାରେ ମହିଳା ଦିବସ ଅବସରରେ ସ୍ଥାନୀୟ ଅଞ୍ଚଳର ବୟୋଜ୍ୟେଷ୍ଠ ଦମ୍ପତି, ଖବରଦାତା ଓ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାସଂଘର ସମସ୍ତ ସିଆର୍‌ପି, ଇସି ମେମ୍ବର ଓ ମହିଳା ଗୋଷ୍ଠୀ ସଦସ୍ୟାମାନେ ସହଯୋଗ କରିଥିଲେ।



ବୟୋଜ୍ୟେଷ୍ଠ ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ନାରୀ ସମାଜର ପ୍ରମୁଖ ଅଙ୍ଗ: ଜିଲାପାଳ

### ଅନ୍ତର୍ଜାତୀୟ ମହିଳା ଦିବସ

ଭଦ୍ରକ,୮।୩(ସନାତନ ରାଉତ/ରବିନାରାୟଣ ଖିଲାର)

ଜିଲା ପ୍ରଶାସନ ଆନୁକୂଲ୍ୟରେ ଭଦ୍ରକ ଆର୍‌ଏମ୍‌ସି ପରିସରରେ ଶନିବାର ପୂର୍ବାହ୍ଣ ୧୧ଟାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ମୁଖ୍ୟଅତିଥି ଭାବେ ଜିଲାସ୍ତରୀୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ନାରୀ ସମାଜର ପ୍ରମୁଖ ଅଙ୍ଗ ବୋଲି କହିଥିଲେ। ସେହିପରି ବ୍ରହ୍ମପୁରରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ୨ୟ କିସ୍ତି ପ୍ରଦାନ ଅବସରରେ ସୁଭଦ୍ରା ଯୋଜନା ନାରୀ ଶକ୍ତିକୁ ସ୍ୱାବଲମ୍ବୀ କରିବାରେ ସହାୟକ ହୋଇପାରିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦିକା ସୁରଜିତା ନାୟକ ନାରୀ ସର୍ବଦା ପୂଜନୀୟା ବୋଲି ବକ୍ତବ୍ୟ ରଖିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ପୁଷ୍ପଲତା ପାତ୍ର ଏହି ଦିବସ ପାଳନର ଆଭିମୁଖ୍ୟ ପ୍ରକାଶ କରିଥିବା ବେଳେ ଜିଲା ମହିଳା ସୁରକ୍ଷା ଅଧିକାରୀ ଚନ୍ଦ୍ରା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ବାଲ୍ୟ ବିବାହ ସଂଯୋଜକ ପ୍ରଦ୍ୟୁତ ରଞ୍ଜନ ରାଉତଙ୍କ ସଂଯୋଜନାରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ବଣ୍ଟନ କରାଯାଇଥିଲା।

ଏହି ଅବସରରେ ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ, ଶ୍ରେଷ୍ଠ ମହିଳା ପୋଲିସ, ମହିଳା ସ୍ୱାସ୍ଥ୍ୟକର୍ମୀ, ମହିଳା ପ୍ରଶାସକ ଓ ସିଡିପିଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। 'ବେଟି ବଚାଓ ବେଟି ପଢ଼ାଓ' ଯୋଜନାରେ ୧୦ମ ପୂର୍ତ୍ତି ଉପଲକ୍ଷେ ମଧ୍ୟ ପୁରସ୍କାର ବିତରଣ କରାଯାଇଥିଲା। ପ୍ରକାଶଥାଉ କି, ଜିଲାର ୩ ଲକ୍ଷ ୮୦ ହଜାର ୮୩୪ଜଣ ମହିଳାଙ୍କୁ ମହିଳା ଦିବସରେ ସୁଭଦ୍ରା ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରାଯାଇଛି। ଓରମାସ୍‌ର ଜିଲା ଉପ ମୁଖ୍ୟ ନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ରାଉତ, ମିଶନ ଶକ୍ତିର ଜିଲା ସଂଯୋଜକ ଅଭିକ୍ ନାରାୟିନ୍, ଜିଲା ପୋଷଣ ସଂଯୋଜକ ସେକ୍ ସିରାଜ ଅଖ୍‌ତାର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଆଇନ୍ ପ୍ରୋବେସନର ସୁବ୍ରତ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା।

# ସଜାଗ ରହିବାକୁ ସତର୍କକଲେ ଜିଲାପାଳ

## ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି

ବାରିପଦା,୮।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ମୁକାବିଲା ନିମନ୍ତେ ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଶନିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ପ୍ରବାହରେ ଯେପରି ସାଧାରଣ ଜନଜୀବନ ପ୍ରଭାବିତ ନ ହୁଏ ସେଥିପାଇଁ ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ଶ୍ରମ, ପରିବହନ, ପ୍ରାଣୀ ସମ୍ପଦ ଓ କୃଷି କ୍ଷେତ୍ରରେ ଆବଶ୍ୟକ ସତର୍କତା ଅବଲମ୍ୱନ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ।

ଗତବର୍ଷ ବିଶ୍ୱର ଉତ୍ତପ୍ତ ସହର ତାଲିକାର ଦ୍ୱିତୀୟ ସ୍ଥାନରେ ରହି ବାରିପଦା ସହର ରେକର୍ଡ କରିଛି। ଚଳିତ ବର୍ଷ ଜିଲାରେ ତାତି ବଢ଼ିବା ଆଶଙ୍କାକୁ ନେଇ ପ୍ରାଥମିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏସ୍ଆର୍‌ସି ଏବଂ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ହୋଇଥିବା ପ୍ରତିଷେଧାତ୍ମକ ପଦକ୍ଷେପ କଡ଼ାକଡ଼ି ଭାବେ ଅନୁପାଳନ କରିବା ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଂଶୁଘାତର ପ୍ରତିକାର ବ୍ୟବସ୍ଥା ଉପରେ ଜିଲାପାଳ ଗୁରୁତ୍ୱାରୋପ କରି ଜିଲାର ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ଓଆରଏସ, ଫାଷ୍ଟଏଡ୍ ଓ ଜୀବନ ରକ୍ଷାକାରୀ ଔଷଧ ମହଜୁଦ ରଖିବା ସହିତ ଅଂଶୁଘାତ ପ୍ରକୋଷ୍ଠକୁ କାର୍ଯ୍ୟକ୍ଷମ କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲାର ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ୨୪ ଗୁଣନ ୭ ନିୟନ୍ତ୍ରଣ କକ୍ଷ ଖୋଲିବା ସହ ଜିଲା ନିୟନ୍ତ୍ରଣ କକ୍ଷ, ଜିଲ୍ଲା ପରିଷଦ, ବ୍ଲକ, ତହସିଲ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ ଆରଡବ୍ଲ୍ୟୁଏସ୍‌ଏସ୍ ଇତ୍ୟାଦି ସରକାରୀ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗ୍ରାମାଞ୍ଚଳରେ ଅଚଳ ନଳକୂପ ଗୁଡିକ ଯଥାଶୀଘ୍ର ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି ।

ଯାତ୍ରୀବାହୀ ବସଗୁଡିକରେ ପାନୀୟ ଜଳ, ଓଆରଏସ ପ୍ୟାକେଟ ଏବଂ ଆଶୁ ଚିକିତ୍ସା ସାମଗ୍ରୀ ମହଜୁଦ ରଖିବା ପାଇଁ ବସ ମାଲିକ ତଥା ବସ ମାଲିକ ସଂଘର କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଛି। ଗାଡ଼ି ଚାଳକଙ୍କ ବିଶ୍ରାମ ପାଇଁ ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତୀ ଜାଗାରେ ସ୍ଥାନେସ୍ଥାନେ ଚାଳିଆ (ସେଡ୍) ନିର୍ମାଣ କରାଇବା ପାଇଁ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜରୁରୀ ଆବଶ୍ୟକତା ନ ଥିଲେ ବିଦ୍ୟୁତ୍ ସରବରାହ ନ କାଟିବାକୁ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାରିପଦା ଓ ରାଇରଙ୍ଗପୁର ପୌରପାଳିକା ସହିତ ଉଦଳା ଓ କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ବିଭିନ୍ନ ସ୍ଥାନ ଯଥା ବସ ଷ୍ଟାଣ୍ଡ, ରେଳ ଷ୍ଟେଶନ, ହାଟ, ବଜାର ଇତ୍ୟାଦି ଜନଗହଳି ସ୍ଥାନମାନଙ୍କରେ ଜଳ ଛତ୍ର ଖୋଲିବାକୁ ସମ୍ପୃକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ବନାଗ୍ନିକୁ ରୋକିବା ପାଇଁ ଜଙ୍ଗଲ ପାର୍ଶବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ସଚେତନ କରାଇ ଜଙ୍ଗଲ ସମ୍ପଦକୁ ସୁରକ୍ଷିତ ରଖିବା ପାଇଁ ବନଖଣ୍ଡ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି ।

ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରଭାତ କୁମାର ବେହେରା, ଜିଲା ଜରୁରୀ ବିଭାଗ ଡେପୁଟି କଲେକଟର ଡ.ଶୁଭଙ୍କରୀ ଦାଶଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗର ପଦାଧିକାରୀ, ଜିଲାର ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାର, ପୌରପାଳିକା ତଥା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ସିଡିପିଓ ଏବଂ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# ୫,୯୨,୭୯୮ ମହିଳା ପାଇଲେ ସୁଭଦ୍ରା ଦ୍ୱିତୀୟ କିସ୍ତି

ବାରିପଦା,୮।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଶନିବାର ବାରିପଦାସ୍ଥିତ ଛଉ ପଡ଼ିଆଠାରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଗୃହ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସୁଭଦ୍ରା ଯୋଜନା ମାଧ୍ୟମରେ ନାରୀଶକ୍ତି ଅଧିକ ସଶକ୍ତ ଓ ସମୃଦ୍ଧ ହୋଇଛନ୍ତି ବୋଲି କହିଥିଲେ। ମୟୂରଭଞ୍ଜ ଜିଲାର ୫,୯୨, ୭୯୮ଜଣ ମହିଳାଙ୍କ ବ୍ୟାଙ୍କ ଖାତାକୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ରାଶି ଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, କାନ୍ଦ୍ରା ସୋରେନ ଓ ଜିଲାପାଳ ହେମକାନ୍ତ ସୟ ଯୋଗ ଦେଇଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତି ପାଇଥିବା ୧୫୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀ, ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିଲେ। ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଓ ଜିଲାପରିଷଦ କାର୍ଯ୍ୟାଳୟର ବିଭିନ୍ନ ପଦାଧିକାରୀ ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ,୨ ଗୁରୁତର

ବୈଶିଙ୍ଗା,୮।୩(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବୈଦପୁର ନିକଟସ୍ଥ ଡାହିସାହି ଗ୍ରାମରେ ଶନିବାର ଅପରାହ୍ନ ୪ଟାରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗଳ ଗ୍ରାମର ଦୀନବନ୍ଧୁ ସିଂଙ୍କ ପୁଅ ହୀରାଲାଲ। ଗୁରୁତର ହୀରାଲାଲଙ୍କ ସାନ ଭାଇ ବାଗୁରୁ ଓ ବେତନଟୀ ଥାନା ଅଧୀନ ଦହିକୋଟି ଗ୍ରାମର ଖଡ଼ିଆ ସିଂଙ୍କ ପୁଅ ବିଶାଲଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ବୈଶିଙ୍ଗା ପୋଲିସ ଏକ ମାମଲା(ନଂ.୯୦/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ୩ ଜଣ ଏକ ବାଇକ୍ ଯୋଗେ ଦ୍ରୁତ ଗତିରେ ଯାଉଥିବା ବେଳେ ଡାହିସାହି ଗ୍ରାମ ନିକଟରେ ଏକ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଇଲେକ୍ଟ୍ରିକ ଖୁଣ୍ଟରେ ପିଟି ହୋଇଯାଇଥିଲେ।

### କାଠ ବୋଝେଇ ଗାଡ଼ି ଜବତ

ଠାକୁରମୁଣ୍ଡା,୮।୧(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରୁ ଶୁକ୍ରବାର ବିଳମ୍ବିତ ରାତିରେ ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଏକ ଚୋରା କାଠ ବୋଝେଇ ଗାଡ଼ିକୁ ଜବତ କରିଛନ୍ତି। ଘଟଣାରେ ସମ୍ପୃକ୍ତ ଡ୍ରାଇଭର ଆନନ୍ଦପୁର ଥାନା ଅନ୍ତର୍ଗତ ଅକାରୁଆ ଗ୍ରାମର ସନ୍ତୋଷ ଜେନା ଗିରଫ ହୋଇଛନ୍ତି। ଏନେଇ ଠାକୁରମୁଣ୍ଡା ବନ ବିଭାଗ ପକ୍ଷରୁ ଏକ ମାମଲା(ନଂ.୧୪୪/୨୫) ରୁଜୁପରେ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ରେଞ୍ଜର ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ଟିମ ପାଟ୍ରୋଲିଂ କରୁଥିବା ବେଳେ ରାତି ପ୍ରାୟ ୧ଟା ସମୟରେ ଠାକୁରମୁଣ୍ଡା ଗ୍ରାମ ପଞ୍ଚାୟତ ଗୁହାଳଡିହିରୁ ବସନ୍ତପୁର ଗାଁ ରାସ୍ତାରେ ଯାଉଥିବା ଏକ ଟାଟା ମ୍ୟାଜିଜ ଗାଡ଼ି ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେଥିରୁ ୩୫ ଖଣ୍ଡ ଶାଳ ଚୌକାଠ ମିଳିଥିଲା।

### ହାଇୱା ଧକ୍କାରେ ବାଇକ୍ ଚାଳକ ମୃତ

ଠାକୁରମୁଣ୍ଡା,୮।୩ (ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ସାତକୋଶିଆ ନିକଟ ନାକଝୋରି ନାଳ ନିକଟରେ ଶନିବାର ଅପରାହ୍ନ ୪ଟା ସମୟରେ ହାଇୱା ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ବାଇକ୍‌ରେ ଥିବା ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତ ଯୁବକ ଜଣକ ହେଲେ ମହୁଲଡ଼ିହା ଥାନା ଅଧୀନ ଭାଲିଆଡାଳ ପଞ୍ଚାୟତ ଅସୁରଖାଲ ଗ୍ରାମର ରାମସେ ଦେଓଗାମ (୩୦)।

ଆହତ ସେହି ଗ୍ରାମର ଲାଲମୋହନ ଦେଓଗାମଙ୍କୁ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ରାମସେ ଓ ଲାଲମୋହନ ଏକ ବାଇକ ଯୋଗେ ଅସୁରଖାଲରୁ ଦୁଆରଶୁଣି ଗ୍ରାମକୁ ଯାଇ ଘରକୁ ଫେରୁଥିବା ବେଳେ ନାକଝରି ନାଳ ନିକଟରେ ଠାକୁରମୁଣ୍ଡାରୁ ଆନନ୍ଦପୁର ପଟକୁ ଯାଉଥିବା ହାଇୱା ଟ୍ରକ ସହିତ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ମହୁଲଡ଼ିହା ଥାନା ପୋଲିସ ହାଇୱାକୁ ଜବତ କରି ତଦନ୍ତ କରୁଛି।

# ମଣ୍ଡଳ କାରାଗାରରେ ଅନ୍ତର୍ଜାତୀୟ ମହିଳା ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ କାରାଗାର ଅଧୀକ୍ଷକ ଓ ଇନର ହ୍ୱିଲ୍ କ୍ଲବର ସଦସ୍ୟାମାନେ।

ବାରିପଦା,୮।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଭଞ୍ଜପୁରସ୍ଥିତ ମଣ୍ଡଳ କାରାଗାର ପରିସରରେ ଇନର ହ୍ୱିଲ କ୍ଲବ ପକ୍ଷରୁ ଶନିବାର ପୂର୍ବାହ୍ନ ୧୧ଟାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି।ଏଥିରେ କାରାଗାର ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳ, କାରା ମଙ୍ଗଳ ଅଧିକାରୀ ଅଙ୍କିତ ଭୋଇ, ସହ କାରାପାଳ ଅଞ୍ଜନ କୁମାର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବେହେରା, କ୍ଲବ ସଭାପତି ଓ କାରାଗାର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଦିବସରେ ମହିଳା ଅନ୍ତେବାସୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅଧୀକ୍ଷକ ରାଉଳ ଅବଗତ କରିଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ବିଦ୍ୟାଳୟର ବାର୍ଷିକୋତ୍ସବ

ମୋରଡ଼ା,୮।୩(ସ୍ମାରକ ମାଜୀ)


ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିକିଟାମାଟିଆ ସରକାରୀ ଏସ୍ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କାଞ୍ଚନମାଳା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଲୋଧାଉନ୍ନୟନ ସଂସ୍ଥାର ମଙ୍ଗଳ ସଂପ୍ରସାରଣ ଅଧିକାରୀ ପାର୍ବତୀ ହାଁସଦା, ମୁଖ୍ୟ ବକ୍ତା ଭାବେ ବାବା ଜଟେଶ୍ୱର ମହାବିଦ୍ୟାଳୟର ଅଧ୍ୟାପିକା ଡ. ନମିତା ଦାସ ଏବଂ ସମ୍ମାନୀୟ ଅତିଥି ଭାବେ ଅଧକ୍ଷ ଭୀମଚରଣ ମହାନ୍ତ, ଖବରଦାତା ସୁଧାଂଶୁ କୁମାର ରାଉତ, ପାଟପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାନ୍ତ,ପୂର୍ବତନ ଚିକିଟାମାଟିଆ ସରପଞ୍ଚ ସାନ ହାଁସଦା ଏବଂ ଏସଏମସି ଚେୟାରମ୍ୟାନ ପାଇରତନ ଭକ୍ତା ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କ ସହିତ ଶିକ୍ଷୟିତ୍ରୀ ସ୍ନେହଲତା ମହାନ୍ତ ପ୍ରାରମ୍ଭିକ ମନ୍ତ୍ରପାଠ କରିଥିଲେ। ଶିକ୍ଷା ଏବଂ ସଂସ୍କାର ଉଜ୍ଜ୍ୱଳ ଭବିଷ୍ୟତ ଗଢିବା ସହିତ ସୁନାଗରିକ ହେବାପାଇଁ ନିତ୍ୟାନ୍ତ ଜରୁରୀ ତେଣୁ ମନଧ୍ୟାନ ଦେଇ ପାଠ ପଢ଼ିବାପାଇଁ ଅତିଥିମାନେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ରାକେଶ କୁମାର ବେହେରା, ରାଜ କୁମାର ଦେହୁରୀ ଅତିଥି ପରିଚୟ ସହିତ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଗାୟତ୍ରୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ

ଉଦଳା (ସନ୍ତୋଷ କୁମାର ବାଛିନୀ)/ ରାଇରଙ୍ଗପୁର(ମାନସ ମହାନ୍ତି),୮।୩

ଉଦଳା ଅଦାଲତ ପରିସରରେ ଶନିବାର ପୂର୍ବାହ୍ନ ୧୦ଟା ସମୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟିର ଅଧକ୍ଷ ବରିଷ୍ଠ ଦେୱାନୀ ବିଚାରପତି ଅରୁଣ କୁମାର ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲା ଦୌରାଜଜ ପ୍ରଦୀପ କୁମାର ବେହେରା, ବରିଷ୍ଠ ଦେୱାନୀ ବିଚାରପତି ଅନୁରାଗ ଦେହୁରୀଙ୍କ ଉପସ୍ଥିତିରେ ଅନେକ ମୋକଦ୍ଦମା ଆପୋଷ ଫଇସଲାରେ ସମାଧାନ ହୋଇଥିଲା। କାର୍ଯ୍ୟକ୍ରମରେ ଉଦଳା ଓକିଲ ସଂଘ, ଉପଖଣ୍ଡ ଓକିଲ ସଂଘର ଆଇନଜୀବୀଙ୍କ ସମେତ ବ୍ୟାଙ୍କ କର୍ମଚାରୀ ଏବଂ ବିଚାର ବିଭାଗୀୟ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସେହିପରି ରାଇରଙ୍ଗପୁର ସିଭିଲ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ତାଲୁକ ଆଇନ ସେବା ସମିତି ଅଧକ୍ଷା ତଥା ଅତିରିକ୍ତ ଜିଲା ଓ ଦୌରାଜଜ ଡ. ଭି. ସୁଜାତା, ସିନିୟର୍ ସିଭିଲ ଜଜ ଆଲୋକ ପଣ୍ଡା, ସବ୍ ଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟ (ଏସଡିଜେଏମ) ମନିନ୍ଦ୍ର ଭୂଷଣ ସାହୁ ଏବଂ ଜେଏମଏଫସି ମାଜିଷ୍ଟ୍ରେଟ ଚେତନା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ୬୦ଟିର ବିଚାର ସହ ସମାଧାନ କରିଥିଲେ।

## ଚକ୍ଷୁ ଚିକିତ୍ସା ଶିବିର

ଗୋପବନ୍ଧୁ ନଗର,୮।୩(ଶାନ୍ତନୁ କୁମାର ମଣ୍ଡୁଆଳ)- ଗୋପବନ୍ଧୁ ନଗର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏବିଇଓ ତଥା ବିଆର୍‌ସିସି କୁଳମଣି ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୁଣା ବାରିପଦା ପ୍ରାଥମିକ ବିଦ୍ୟାଳୟରେ ଶନିବାର ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକରୁ ୧୪୦ ଜଣ ଛାତ୍ରୀଛାତ୍ର ନିଜର ନାମ ପଞ୍ଜୀକୃତ କରାଇଛନ୍ତି। ସିଡବ୍ଲ୍ୟୁଏସ୍ଏନର ରିସର୍ଚ୍ଚ ପର୍ସନ ପ୍ରମୋଦ କୁମାର ପ୍ରଧାନ ଓ ଫକୀର ମୋହନ ବେହେରା ସହଯୋଗ କରିଥିଲେ।

# ଆନ୍ତର୍ଜାତିକ ମହିଳା ଦିବସ

କରଞ୍ଜିଆ,୮।୩(କବିତା ମହାନ୍ତ)

କରଞ୍ଜିଆ ତାଲୁକ ଆଇନ ସେବା ସମିତି ପକ୍ଷରୁ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତିର ଅଧକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରାଜଜ ଆଶିଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବକୁ ସବଜଜ ଅମିତ କୁମାର ସେଠ, ଏସ୍‌ଡିଜେଏମ୍ ପ୍ରଭାତ କୁମାର ସାମଲ, ଓକିଲ ସଂଘର ସମ୍ପାଦକ ଦିବ୍ୟ ପ୍ରସାଦ ସାହୁ, ସରକାରୀ ଡାକ୍ତରଖାନାର ଏସ୍‌ଡିଏମଓ. ଡା. ଅନିତା ସିଂ, ମହିଳା ଓ ପ୍ରସୂତି ବିଭାଗର ଡା. ସୁଲୋଚନା ନାୟକ, ଏସବିଆଇର ମୁଖ୍ୟ ପରିଚାଳିକା ଦୀପା ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ।

# ୨ ଗୋଷ୍ଠୀ ଗଣ୍ଡଗୋଳ,ମାଣଡ୍ରୀରେ ଉତ୍ତେଜନା

## ବଜାର ବନ୍ଦ କଲା ପୋଲିସ

ବାରିପଦା,୮।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ବୈଶିଙ୍ଗା ଥାନା ଅଧୀନ ମାଣଡ୍ରୀରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପରିସ୍ଥିତି ନିୟନ୍ତ୍ରଣ କରିବା ସକାଶେ ଶୁକ୍ରବାର ରାତି ୮ଟାରେ ମାଣିଡ୍ରୀ ବଜାରକୁ ପୋଲିସ ବନ୍ଦ କରାଇଥିଲା। ସଶସ୍ତ୍ର ପୋଲିସ ବାହିନୀ ସହିତ ଥାନା ଆଇଆଇସି ବାରୁଣି ଦାସ ଘଟଣାସ୍ଥଳରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

ସୂଚନା ଅନୁଯାୟୀ, ମାଣଡ୍ରୀରେ ଜାଗର ମେଳା ଚାଲିଛି। ଗୁରୁବାର ସ୍ଥାନୀୟ ହାଟସ୍ଥିତ ଏକ ଦୋକାନ ସମ୍ମୁଖରେ ବାଇକ୍ ରଖିବାକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଶୁକ୍ରବାର ଏହି ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ସନ୍ଧ୍ୟାରେ ଗୋଟିଏ ଗୋଷ୍ଠୀର ୧୫୦ରୁ ଉର୍ଦ୍ଧ୍ୱ ଯୁବକ ବିଭିନ୍ନ ମାରଣାସ୍ତ୍ର ଧରି ମେଳି ହୋଇଥିଲେ। ଖବରପାଇ ପୋଲିସ ବଜାର ବନ୍ଦ କରାଇଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ ଘଟଣାର ସମାଧାନ ନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଦାସ କହିଛନ୍ତି।

# ସୋର କୋର୍ଟ ପକ୍ଷରୁ ମହିଳା ଦିବସ ପାଳିତ



ଆନ୍ତର୍ଜାତିକ ମହିଳା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସୋର, ୮।୩(ଜନ୍ମେଜୟ ମିଶ୍ର)

ସୋର କୋର୍ଟ ତାଲୁକ ଆଇନ ସହାୟତା କମିଟି ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ସୋର ବ୍ଲକ ଅଧୀନ ସାରଳା କାଂଶବାଂଶ ଉଚ୍ଚ ବିଦ୍ୟାଳୟ, ସାଣ୍ଟପଡା ପ୍ରାଙ୍ଗଣରେ ମହିଳାମାନଙ୍କ ପାଇଁ ଆଇନ ଓ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋର କୋର୍ଟରେ ଅତିରିକ୍ତ ଜିଲା ଦୌରାଜଜ୍ ମିନାକ୍ଷୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ଦୃଢ ବିଶ୍ୱାସ ସହ ଆଗକୁ ବଢିବା ପାଇଁ ଆହ୍ୱାନ ଦେଇଥିଲେ। ବରିଷ୍ଠ ସିଭିଲ ଜଜ୍ ତଥା ତାଲୁକ ଆଇନ ସଚେତନତା କମିଟି ଅଧକ୍ଷା ଶିଲା ପ୍ରିୟଦର୍ଶିନୀ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀମାନଙ୍କୁ ସଚେତନ କରିବା ସହ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ବ୍ୟବସ୍ଥା ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ। ସିଭିଲ ଜଜ୍ ରାକେଶ କୁମାର ସାହୁ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜେଶ କୁମାର ଦାସ ସଭାରେ ଉପସ୍ଥିତ ରହି ମହିଳାମାନଙ୍କ ଲାଗି ପ୍ରଚଳିତ ଆଇନଗୁଡିକ ବିଷୟରେ ବୁଝାଇବା ସହିତ ମହିଳାମାନେ ଆଇନ ସଚେତନ ହୋଇ ନିଜକୁ ନାରୀ ସଶକ୍ତିକରଣ ଆନ୍ଦୋଳନରେ ସାମିଲ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ କାହ୍ନୁ ଚରଣ ବେହେରା ଅତିଥି ପରିଚୟ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଲିଗାଲ ରିଟେନର ସସ୍ମିତା ରାଉତ ଲିଗାଲ ଏଡ ତରଫରୁ ଯୋଗାଇ ଦିଆଯାଉଥିବା ନିଶୁଳ୍କ ଆଇନ ସହାୟତା ବିଷୟରେ ଅବଗତ କରାଇଥିଲେ। ସୋର କୋର୍ଟର ବରିଷ୍ଠ ଆଇନଜୀବୀ ଧୀରେନ୍ଦ୍ର କୁମାର ଦାସ ଉପସ୍ଥିତ ହୋଇ ଆଜିର ନାରୀମାନଙ୍କ ସ୍ୱାଧୀନତା ଓ ସମାନତା ଉପରେ ମତ ରଖିଥିଲେ। ଲିଗାଲ ଏଡ କର୍ମଚାରୀ ଜ୍ୟୋତି ପ୍ରକାଶ ସେଠୀ, ବିଶ୍ୱରଞ୍ଜନ ବାରିକ ଓ ସ୍ୱେଚ୍ଛାସେବୀ ସନତ କୁମାର ପାତ୍ର, ଶଶିକାନ୍ତ କର, ସୁଶାନ୍ତ ଦାସ, ସୁକାନ୍ତି ସାହୁ, ସ୍ନିଗ୍ଧମୟୀ କର, ମୋନାଲିସା ଦାସ, ସହକାରୀ ଶିକ୍ଷକ ଭରତ କୁମାର ପାତ୍ର ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର କବି ଧନ୍ୟବାଦ ଦେଇଥିଲେ।

# ୨୪୮୪ ମାମଲାର ହେଲା ଫଇସଲା

## ରାଷ୍ଟ୍ରୀୟ୍ ଲୋକ ଅଦାଲତ

ବାରିପଦା,୮।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମାମଲାର ବିଚାର କରାଯାଉଛି।

ମୟୂରଭଞ୍ଜ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାସ୍ଥିତ ଜିଲା ଦୌରା ଜଜ୍‌ଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୧୮୭୦ଟି ମାମଲା ମଧ୍ୟରୁ ୨୪୮୪ଟି ମାମଲାର ଫଇସଲା ହୋଇ ୨ କୋଟି ୩୪ ଲକ୍ଷ ୪୦ ହଜାର ୮୩୫ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି। ଜିଲା ଓ ଦୌରା ଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଅରବିନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ ମକଦ୍ଦମା ସମ୍ବନ୍ଧୀୟ ୮୭୦୬ ମାମଲା ମଧ୍ୟରୁ ୨୨୨ଟି ଅଦାଲତରେ ଆପୋଷ ବିଚାର ହୋଇ ମୋଟ ୫୫ ଲକ୍ଷ ୭୧ ହଜାର ୫୧ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀ ଭୁକ୍ତ ୩୧୬୪ ଗୋଟି ମାମଲା ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବଲ କେଶ ୧୯ଟିରୁ ୩ଟି, ଏନଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୧୫ଟି ମାମଲା ମଧ୍ୟରୁ ୩୦ଟି , ବ୍ୟାଙ୍କ ଋଣ ଆଦାୟ ସମ୍ବନ୍ଧୀୟ ୯୪ଟିରୁ ୨୭ଟି, ମୋଟର ଯାନ ଦୁର୍ଘଟଣା ଜନିତ ମାମଲା ୨୫୦ଟିରୁ ୯ଟି, ବୈବାହିକ ସମ୍ବନ୍ଧୀୟ(ବିବାହ ବିଚ୍ଛେଦକୁ ବାଦ ଦେଇ) ୪୭ଟି ମଧ୍ୟରୁ ୨୦ଟି, ରାଜସ୍ୱ ମାମଲା ୧୭୬୫ ଟିରୁ ୧୪୮୮ଟି , ଅନ୍ୟାନ୍ୟ ଦେୱାନୀ ମାମଲା ୯୮ଟିରୁ ୫୬ଟି ଓ ଅନ୍ୟାନ୍ୟ ଅପରାଧିକ ଫୌଜଦାରୀ ୬୨୯ଟି ମାମଲାକୁ ମିଶାଇ ମୋଟ ୨୨୬୨ଟି ମାମଲା ଫଇସଲା କରାଯାଇ ମୋଟ ୧କୋଟି ୭୮ ଲକ୍ଷ ୬୯ ହଜାର ୭୮୪ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି ।

ଜିଲା ଆଇନ ସେବା ପ୍ରାଧିକରଣ ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଫାମିଲି କୋର୍ଟ ଜଜ୍ ବିରଞ୍ଚି ନାରାୟଣ ମହାନ୍ତି, ପ୍ରଥମ ଅତିରିକ୍ତ ଜିଲା ଓ ଦୌରା ଜଜ ସତ୍ୟନାରାୟଣ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରା ଜଜ ସୁମନ କୁମାର ମିଶ୍ର, ସିନିୟର ସିଭିଲ ଜଜ,(ଏଲ୍ଆରଡିଭି) ସୁଦାମ ଚରଣ ଦାସ, ସିନିୟର ସିଭିଲ ଜଜ ନିଶାକର ସାହୁ, ଅତିରିକ୍ତ ସିନିଅର ସିଭିଲ ଜଜ ସୂର୍ଯ୍ୟ ଦାସ, ଦ୍ୱିତୀୟ ଅତିରିକ୍ତ ସିଭିଲ ଜଜ କୈଳାଶ ସାହୁ, ରେଜିଷ୍ଟ୍ରାର ନିହାର ରଞ୍ଜନ ସାହୁ, ଏସ୍‌ଡିଜେଏମ୍ ଜୁଏଲ ପଟ୍ଟନାୟକ, ଜେଏମ୍‌ଏଫ୍‌ସି ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେଏମ୍‌ଏଫସି ଶ୍ରୀପର୍ଣ୍ଣା ପାତ୍ର, ଦୀପଲି ଦାସଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ଥିବା ସଦସ୍ୟ ତଥା ସରକାରୀ ଓକିଲ ହିମାଂଶୁ କୁମାର ପାଣିଗ୍ରାହୀ, ଆଇନଜୀବୀ ତାପସ କୁମାର ଦତ୍ତ, ପ୍ରଦୀପ କୁମାର ଜେନା, ଶ୍ରୀମଥୀ ମାଝୀ, ପ୍ରଣତି ମୁର୍ମୁ ଓ ଜୟଶ୍ରୀ ଦାସ ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ ଓ ବିଭିନ୍ନ ରାଷ୍ଟ୍ରାୟତ,ଘରୋଇ ବ୍ୟାଙ୍କ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ନାବାଳିକା ଅପହରଣକୁ ୬ ଦିନ ବିତିଲା

## କାର୍ଯ୍ୟାନୁଷ୍ଠାନ ଶୂନ

ରସାଳପୁର, ୮।୩(ଶରତ ସାମଲ)- ବାଲେଶ୍ୱର ଜିଲା ସଦର ଥାନା ଅଧୀନ ବାଙ୍ଗରା ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ସ୍କୁଲରେ ୭ମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ଗତ ୩ତାରିଖରେ ଅପହରଣ କରାଯାଇଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଅପହରଣକୁ ୬ଦିନ ବିତିଯାଇଥିଲେ ମଧ୍ଯ ଅପହୃତା ଛାତ୍ରୀ କି ଅପହରଣକାରୀଙ୍କ ସମ୍ପର୍କରେ ଏଯାବତ୍ ସନ୍ଧାନ ମିଳି ନ ଥିବାରୁ ଅସନ୍ତୋଷ ଲାଗିରହିଛି। ସୂଚନା ଯେ, ଗତ ୩ତାରିଖରେ ନାବାଳିକା ଛାତ୍ରୀଜଣକ ସାଇକେଲ ଯୋଗେ ସ୍କୁଲକୁ ଯାଇଥିଲେ। ସ୍କୁଲ ଛୁଟି ହେବା ପରେ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ସ୍କୁଲରେ ତାର ସାଇକେଲ ଥିବା ଦେଖିଥିଲେ। ଏ ସମ୍ପର୍କରେ ପ୍ରଧାନଶିକ୍ଷକଙ୍କୁ ପଚାରି ବୁଝିଥିଲେ। କେହି ଅପହରଣ କରିଥିବା ଜାଣି ଥାନାରେ ଦ୍ୱାରସ୍ଥ ହୋଇଥିଲେ।

## ସଂକ୍ଷେପରେ

### ୧୦ ମହିଳାଙ୍କୁ ସମ୍ବର୍ଦ୍ଧନା

ପାଟଣା,୮।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୫ ଶନିବାର ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ହୋଇଛି। ଉଲ୍ଲେଖନୀୟ ଅବଦାନ ପାଇଁ ବ୍ଲକ୍‌ର ଚାକୁକୁଣ୍ଡାପାଳ ସରପଞ୍ଚ ରକ୍ଷାମଣି ନାଏକ, ଅଧ୍ୟାପିକା ସୁସ୍ମିତା ସୋଭାଲିନ ମହାପାତ୍ର, ବ୍ଲକ୍ କୋଷାଧକ୍ଷା ଶାନ୍ତିଲତା ମହାନ୍ତ, ପିଇଓ, ଏଡିଓ, ସାସ୍ଥ୍ୟକର୍ମୀ, ଆଶା, ଅଙ୍ଗନୱାଡି କର୍ମୀ ପ୍ରମୁଖ ୧୦ ବିଶିଷ୍ଟ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଟଣା ବିଡିଓ ମାନସ ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ମୁଖ୍ୟ ବକ୍ତାଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ମାଳତୀ ନାଥ ଶର୍ମା, ସମ୍ମାନୀତ ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୋମବାରୀ ମୁଣ୍ଡା, ଡାକ୍ତର ଯାଜ୍ଞସେନୀ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

### ବିଶ୍ୱଶାନ୍ତି ଗୀତା ମହାଯଜ୍ଞ

ବଉଳା,୮।୩(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବାଲିବରେଇ ପଞ୍ଚାୟତର ମୁକ୍ତେଶ୍ୱର ବଜାର ବାଲିବରେଇ-ବିଦ୍ୟାଧରପୁରରେ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଳସ ସ୍ଥାପନ ପରେ ଲକ୍ଷ୍ମୀ ନାରୟଣ ପୂଜା ଓ ନାସ୍ୟ, ଗୀତା ପାଠ, ବିଷ୍ଣୁଙ୍କର ସହସ୍ର ନାମଜପ, ଚଣ୍ଡିପାଠ କରାଯାଇଥିବା ବେଳେ ଶନିବାର ପୂଜା କରାଯାଇଥିଲା। ରବିବାର ପୂର୍ଣ୍ଣାହୁତି ହେବା ନେଇ ମୁକ୍ତେଶ୍ୱର ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପଣ୍ଡିତ ଅଶୋକ ମିଶ୍ର, ଅକ୍ଷୟ ଷଡ଼ଙ୍ଗୀ, ଲଳିତ ମୋହନ ପଣ୍ଡା, ସୁମନ ଆଚାର୍ଯ୍ୟ, ବିଜୟ ଶାସ୍ତ୍ରୀ, ଗୋପାଳ କୃଷ୍ଣ ପାଣିଗ୍ରାହୀ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। କମିଟି ସଭାପତି ନରୋତ୍ତମ ଶତପଥି, ସୋମନାଥ ଦାସଙ୍କ ସମେତ କମିଟି ସଦସ୍ୟ ପରିଚାଳନା କରିଥିଲେ।

### ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ

ଯୋଡ଼ା,୮।୩(ମାନସ ମହାନ୍ତି): କେନ୍ଦୁଝର ଜିଲା ବାମେବାରି ଥାନା ଅର୍ନ୍ତଗତ ଜୁରୁଡ଼ି ପେଟ୍ରୋଲ ପମ୍ପ ନିକଟ ରାସ୍ତାରେ ଏକ ହାଇୱା ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜୁରୁଡ଼ି କେ ଏମ୍‌ସି ହଟିଂର ଗୋପ ପାତ୍ର(୨୫)। ପୂର୍ବରୁ ଗୋପଙ୍କ ଏକ ଦୁର୍ଘଟଣାରେ ତାଙ୍କ ଡାହାଣ ଗୋଡ଼ କଟି ଯାଇଥିଲା। ଶନିବାର ଭୋର୍ ସମୟରେ ସେ ରାସ୍ତା ପାରି ହେଉଥିବା ବେଳେ ହାଇୱା (ନଂ. ଓଡି ୨୮ ଏ ୦୨୨୫) ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ଟ୍ରକ୍ ଜବତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିବା ଆଇଆଇସି ଯଶୋକେତନ ଭୋଇ ସୂଚନା ଦେଇଛନ୍ତି।

### ଜିଲା ମୁଖ୍ୟ ଡାକ୍ତରଖାନାରେ ବିଦ୍ୟୁତ୍ ବିଭ୍ରାଟ
### ରୋଗୀ, ସମ୍ପର୍କୀୟ ହନ୍ତସନ୍ତ

କେନ୍ଦୁଝର,୮।୩ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଦ୍ୟୁତ୍ ବିଭ୍ରାଟ ଦେଖାଯାଇଛି। ଶନିବାର ପୂର୍ବାହ୍ନ ୧୧ଟା ୩୦ରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଟିକେଟ୍ କାଉଣ୍ଟର ଆଗରେ ଧାଡ଼ି କରି ଠିଆ ହୋଇ ହନ୍ତସନ୍ତ ହୋଇଥିଲେ। ଜେନେରେଟର ବି ନ ଚାଲିବାରୁ କଷ୍ଟ ଦୁଇଗୁଣିତ ହୋଇଯାଇଥିଲା। ସବୁ କମ୍ପ୍ୟୁଟର ବନ୍ଦ ହୋଇଯାଇଥିବାରୁ ଅଧଘଣ୍ଟା ପରେ ହାତରେ ଲେଖି ଟିକେଟ ପ୍ରଦାନ କରାଯାଇଥିଲା। ଏହି ସମୟରେ ରୋଗୀ ସମ୍ପର୍କୀୟମାନେ ବିରକ୍ତ ହୋଇ ସିଡିଏମଓଙ୍କୁ ଖୋଜି ପାଇ ନ ଥିଲେ। ବିଜୁଳି ବିଭ୍ରାଟ ଲାଗି ଆଉଟ ଡୋର ରୋଗୀ ଡେରିରେ ପଞ୍ଜୀକୃତ ହୋଇଥିବା ବେଳେ ଆଡ଼ମିଶନ ହେବାକୁ ଥିବା ରୋଗୀ ଛଟପଟ ହେଉଥିଲେ। ଓପିଡି କରିଡ଼ର, ଏକ୍ସରେ, ସିଟି ସ୍କାନ, ଡାଏଲିସିସ ସେଣ୍ଟର୍ ଦ୍ୱାରରେ ରୋଗୀ ପଡ଼ି ରହିଥିଲେ। ଘଟଣାକୁ ନେଇ ସେଠାରେ ଉପସ୍ଥିତ କେନ୍ଦୁଝର ନାଗରିକ ମଞ୍ଚ ସଦସ୍ୟ ଦିଲୀପ ସାହୁ ଓ ତାଙ୍କ ପତ୍ନୀ ପ୍ରାଚୀବାଳା ସାହୁ ତୀବ୍ର ପ୍ରତିବାଦ କରିଥିଲେ। ବରିଷ୍ଠ ଓକିଲ ରକ୍ଷାକର ପତି ଏହି ଅବ୍ୟବସ୍ଥାକୁ ନିନ୍ଦା କରିବା ସହ ରୋଗୀଙ୍କୁ ପଞ୍ଜୀକୃତ କରିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାମାଜିକକର୍ମୀ ସିଦ୍ଧେଶ୍ୱର ସାହୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ କହିଛନ୍ତି।

# ସୁଭଦ୍ରା ୨ୟ କିସ୍ତି ପାଇଲେ ୪ ଲକ୍ଷରୁ ଊର୍ଦ୍ଧ୍ୱ

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ**

କେନ୍ଦୁଝର,୮।୩(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)



ମଞ୍ଚରେ ଉପସ୍ଥିତ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଓ ଅନ୍ୟ ଅତିଥିମାନେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଗଞ୍ଜାମ ଜିଲାର ବ୍ରହ୍ମପୁର ସହର ଆମ୍ବପୁଆଠାରେ ରାଜ୍ୟର ୧ କୋଟି ୬୪ ହଜାର ମହିଳାଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ କାଳୀପଡ଼ିଆଠାରେ ଜିଲାସ୍ତରୀୟ ସମାରୋହ ଓ ଅନ୍ତର୍ଜାତୀୟ ମହିଳା ଦିବସ ଆୟୋଜିତ ହୋଇଯାଇଛି। କେନ୍ଦୁଝର ଜିଲାରୁ ସର୍ବମୋଟ ୪,୫୩, ୯୦୯ ଜଣ ଆବେଦନକାରୀଙ୍କ ମଧ୍ୟରୁ ୪, ୨୪,୭୩୪ ଜଣହିତାଧିକାରୀ ଦ୍ୱିତୀୟ କିସ୍ତିର ଟଙ୍କା ନିଜ ବ୍ୟାଙ୍କ ଖାତାରେ ପାଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଙ୍ଗଲ, ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଯୋଗଦେଇ ରାଜ୍ୟ ସରକାର ମହିଳାଙ୍କ ସାମାଜିକ ଓ ଆର୍ଥିକ ସଶକ୍ତୀକରଣ ନିମନ୍ତେ ନିଜ ନିଷ୍ଠାପର କାର୍ଯ୍ୟ ଜାରି ରଖିଛନ୍ତି ବୋଲି କହିଥିଲେ। ସୁଭଦ୍ରା ଯୋଜନା ମହିଳାଙ୍କୁ ଆର୍ଥିକସ୍ତରରେ ସ୍ୱତନ୍ତ୍ରତା ପ୍ରଦାନ କରିବା ନିମନ୍ତେ ପରିକଳ୍ପନା କରାଯାଇଥିଲା। ଆଜି ବାସ୍ତବତାର ରୂପ ନେଇଛି। ଆଶାଠାରୁ ଅଧିକ ସଫଳ ହୋଇପାରିଛି। ସୁଭଦ୍ରା ଯୋଜନା କେବଳ ବର୍ଷକୁ ଦୁଇଥର ସହାୟତା ବାଣ୍ଟିବା କାର୍ଯ୍ୟକ୍ରମ ନୁହେଁ ବରଂ କିଶୋରୀଙ୍କଠାରୁ ଆରମ୍ଭକରି ଭିନ୍ନ ବୟସର ମହିଳା ସଶକ୍ତ ଏବଂ ସମୃଦ୍ଧ ହୋଇପାରିବାର ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝରର ଏମ୍‌ପି ଅନନ୍ତ ନାୟକଙ୍କ ସମେତ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ଜିଲାପାଳ ବିଶାଲ ସିଂହ, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି ଓ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ମିତା ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମସ୍ତେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବା ସହ ଜିଲା ମହିଳା ଏବଂ ଶିଶୁବିକାଶ ବିଭାଗରେ କାର୍ଯ୍ୟରତ ନିଷ୍ଠାପର କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଭାବେ ତେଲକୋଇର ସୀମା ଦାସ, ଶ୍ରେଷ୍ଠ ସୁପରଭାଇଜର ଭାବେ ଝୁମ୍ପୁରାର ସୁଭଦ୍ରା ମହାନ୍ତଙ୍କୁ ସମ୍ମାନିତ କରାଯାଇଥିଲା। ୫୧ତମ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲାର ଛାତ୍ରୀଛାତ୍ର ଏବଂ ଅଙ୍ଗନୱାଡି କର୍ମୀ ଓ ହେଲ୍‌ପରଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଓ କର୍ମୀଙ୍କ ସମେତ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିଥିବା କଳାକାରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ମୃତ୍ତିକା ସଂରକ୍ଷଣ, ଜଳ ବିଭାଜିକା ଯାତ୍ରା



ମଞ୍ଚାସୀନ ଅତିଥିମାନେ।

ପାଟଣା,୮।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ର ଚିନାମାଳିପଶି ପଞ୍ଚାୟତ କେତାଙ୍ଗ ଶିଶୁ ମନ୍ଦିର ପଡ଼ିଆ ଓ ଡୁମୁରିଆ ମନ୍ଦିର ପଡ଼ିଆରେ ଶନିବାର ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଓଡ଼ିଶା ତରଫରୁ ଜଳ ବିଭାଜିକା ମୋହତ୍ସବ ଅନୁଷ୍ଠିତ ହୋଇଯାଇଛି। ଡୁମୁରିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥିଭାବରେ ପଦ୍ମଶ୍ରୀ ଦୈତାରି ନାଏକ, ଭାଜପା ନେତା କମଳାକାନ୍ତ ଦାଶ, ରାଧାକାନ୍ତ ମହାନ୍ତ, ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ, ଏମ୍‌ପିଙ୍କ ପ୍ରତିନିଧି ପ୍ରହ୍ଲାଦ ପଲେଇ, ଡୁମୁରିଆ ସରପଞ୍ଚ ଗୌରହରି ନାଏକ ସମିତି ସଭ୍ୟା ଜୟନ୍ତୀ ନାଏକ, ବିଡିଓ ମାନସ ଦଣ୍ଡପାଟ, ସମିତି ସଭ୍ୟ ବିଶ୍ୱନାଥ ନାଏକ, ଭାଜପା ମହିଳା ନେତ୍ରୀ ସୋମବାରୀ ମୁଣ୍ଡା, ଜଳ ବିଭାଜିକା କେନ୍ଦୁଝର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି ଯୋଗଦେଇ ବର୍ଷା ଜଳ ସଂରକ୍ଷଣ ଉପରେ ଲୋକଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ବିଧାୟକ ନାଏକ ଡୁମୁରିଆଠାରେ ଏକ ଚେକ ଡ୍ୟାମ୍‌କୁ ଉଦଘାଟନ କରିବା ସହ ମନ୍ଦିର ପରିସରରେ ଚାରାରୋପଣ କରିଥିଲେ। ସହିପରି କେତାଙ୍ଗଠାରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ମୃତ୍ତିକା ସଂରକ୍ଷଣ, ଜଳ ବିଭାଜିକା ପ୍ରଶିକ୍ଷଣ

ଢେଙ୍କିକୋଟ,୮।୩ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ମନହୋରପୁର ପଞ୍ଚାୟତ କଟରାବେଡ଼ା ଗ୍ରାମରେ ଗୁରୁବାର ଅପରାହ୍ନ ୩ଟାରେ କେନ୍ଦୁଝର ଜିଲା ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଏକ ପ୍ରଶିକ୍ଷଣ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି, ମୁଖ୍ୟ ବକ୍ତାଭାବେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ରାଉତ, ସମ୍ମାନୀୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ପ୍ରତିନିଧି ଅମର ସିଂହ, ଜିତେନ୍ଦ୍ର ପଲେଇଙ୍କ ସମେତ ମନୋହରପୁର ସରପଞ୍ଚ ଦୁଃଶାସନ ନାୟକ, ଇନ୍ଦ୍ରମଣି ମହାନ୍ତ, ଜୟଦେବ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ମେଳାରେ ଉପସ୍ଥିତ ଚାଷୀ ଭଉଣୀଭାଇଙ୍କୁ ମଞ୍ଚାସିନ ଅତିଥି ଓ କୃଷି ଅଧିକାରୀ ଅଭିଭାଷଣ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ଭାଜପା ସରକାରଙ୍କ ଚାଷୀଙ୍କ ପ୍ରତି ଅହେତୁକ ଅନୁକମ୍ପା ସହ ଜଳ ଓ ମାଟି ମାଆର ସଂରକ୍ଷଣ ନିମନ୍ତେ ସରକାରଙ୍କ ଦ୍ୱାରା ପୋଖରୀ, ଚେକ୍‌ଡ୍ୟାମ ଆଡିବନ୍ଧ ମାଧ୍ୟମରେ ବର୍ଷା ଜଳକୁ ରୋକି ହେବ ଏବଂ ଭୂତଳ ଜଳସ୍ତରକୁ କମାଇ ହେବ ବୋଲି ପ୍ରକାଶ କରିଥିଲେ। ଚାଷୀ ପାଇଁ ରାଜ୍ୟ ସରକାର ବିଭିନ୍ନ ଉପକରଣ ସାଙ୍ଗକୁ ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରୁଛନ୍ତି। ତେଣୁ ଆସନ୍ତା ଚାଷ ଋତୁ ପୂର୍ବରୁ ଚାଷୀମାନେ ସଜାଗ ହେବା ପାଇଁ ପ୍ରବର୍ତ୍ତାଇଥିଲେ। ସମସ୍ତ ପ୍ରକାର ପ୍ରଶିକ୍ଷଣ ବିଷୟରେ ଅବଗତ କରାଇଥିଲେ। ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବଫର ଜୋନ୍‌କୁ ନେଇ ହରଡ଼ଘଣାରେ କର୍ମକର୍ତ୍ତା

କେନ୍ଦୁଝର,୮।୩(ଦୀପକ ମିଶ୍ର)

**କେନ୍ଦୁଝର ଟ୍ରକ୍ ମାଲିକ ସଂଘ**

କେନ୍ଦୁଝର ଟ୍ରକ୍ ମାଲିକ ସଂଘ ପିଛା ଛାଡୁନି ବିବାଦ। ନିର୍ବାଚନ ବିବାଦ ତୁଟିବା ପରେ ଏବେ କେନ୍ଦୁଝର ଜୋନ୍‌ର ଟ୍ରକ୍ ମାଲିକ ସୁଆକାଟି ଓଏମ୍‌ସି ଗନ୍ଧମାର୍ଦ୍ଦନ ଲୁହାଖଣି ଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳରେ ବସବାସ କରୁଥିବା ଟ୍ରକ୍ ମାଲିକଙ୍କୁ ଲୋଡିଂରେ ଅଗ୍ରାଧିକାର ଦାବି କରାଯାଉଛି। ମାତ୍ର କେନ୍ଦୁଝର ଜୋନ୍‌ର ଟ୍ରକ୍ ମାଲିକଙ୍କ ଏହି ଦାବିକୁ ଅନ୍ୟ ଜୋନ୍‌ର ଟ୍ରକ୍ ମାଲିକ ବିରୋଧକରି ପ୍ରଶାସନ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି। ମାତ୍ର ପୂର୍ବରୁ ଉକ୍ତ ଦାବି କରି ଆସୁଥିବା କେତେଜଣ କର୍ମକର୍ତ୍ତା ଏବେ ନିର୍ବାଚିତ ପ୍ରତିନିଧି ହୋଇଥିବାରୁ କେଉଁ ପକ୍ଷକୁ ସମର୍ଥନ କରିବେ ହରଡ଼ଘଣାରେ ପଡ଼ିଛନ୍ତି। ପ୍ରକାଶ ଯେ, ଅଗ୍ରାଧିକାର ଲୋଡିଂକୁ ନେଇ କେନ୍ଦୁଝର ଜୋନ୍ ଓ ଅନ୍ୟ ଜୋନ୍ ମଧ୍ୟରେ ଟଣାଓଟରା ଲାଗି ରହିଛି। ବଫର ଜୋନ୍ ଘୋଷଣା ଦାବିକୁ ନେଇ ଟ୍ରକ୍ ମାଲିକମାନେ ପୁଣି ଲୋଡିଂ ବନ୍ଦ କରିଥିବା ଆବାହକ ନିହାର ଦାସ କହିଛନ୍ତି। ପ୍ରଶାସନ ଓ ସଂଘ ସମାଧାନ ନ କରି ଚୁପ୍ ହୋଇଥିବାରୁ ଗାଡ଼ି ଲୋଡିଂ କେତେବେଳେ ବନ୍ଦ ତ କେତେବେଳେ ଚାଲୁଛି। ଲୁଚକାଳି ଖେଳ ମଧ୍ୟରେ ନିରୀହ ଟ୍ରକ୍ ମାଲିକମାନେ ପେଷି ହେଉଥିବା କହୁଛନ୍ତି। ଏପରିକି ଋଣ କରି ଆଣିଥିବା ଗାଡ଼ିର କିସ୍ତି ଦେବା ଅସମ୍ଭବ ହୋଇପଡୁଛି ବୋଲି ଟ୍ରକ୍ ମାଲିକ ସୁଶାନ୍ତ ସାହୁ କହିଛନ୍ତି। ସ୍ଥାନୀୟ ଗାଡ଼ି ମାଲିକଙ୍କୁ ନେଇ ଅତୀତରେ ବଫର ଜୋନ୍ ଦାବି ଉଠାଇଥିବା କେତେଜଣ ଗାଡ଼ି ମାଲିକ ଏବେ କର୍ମକର୍ତ୍ତା ହୋଇ ନିର୍ବାଚିତ ହୋଇଛନ୍ତି। ସେମାନେ କେଉଁ ପଟକୁ ଢଳିବେ କିଛି ନିଷ୍ପତ୍ତି ନେଇ ନ ପାରି ହରଡ଼ଘଣାରେ ପଡ଼ିଛନ୍ତି। ସେମାନେ ପ୍ରଶାସନର ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି ବୋଲି କହି ଖସି ଯାଉଥିବା ଟ୍ରକ୍ ମାଲିକଙ୍କ ମଧ୍ୟରେ ଗୁଞ୍ଜରଣ ସୃଷ୍ଟି ହୋଇଛି। କର୍ମକର୍ତ୍ତାମାନେ ନିଜେ ଖୋଳିଥିବା ଗାତରେ ପଡ଼ିଛନ୍ତି ବୋଲି ଟ୍ରକ୍ ମାଲିକମାନେ କୁହାକୁହି ହେଉଛନ୍ତି। ପ୍ରଶାସନ ବଫର ଜୋନ୍‌ର ଟ୍ରକ୍ ମାଲିକଙ୍କୁ ଲୋଡିଂରେ ଅଗ୍ରାଧିକାର ଦେବାର କୌଣସି ନିର୍ଦ୍ଦେଶ ଦିଆଯାଇ ନ ଥିବାରୁ ସଂଘ ପକ୍ଷରୁ କିଛି ପଦକ୍ଷେପ ନିଆଯିବା ସମ୍ଭବ ନୁହେଁ ବୋଲି ସମ୍ପାଦକ ପ୍ରଦୀପ ବାରିକ ପ୍ରକାଶ କରିଛନ୍ତି।

# ୭୦୬୧ ମକଦ୍ଦମା ସମାଧାନ, ୩ କୋଟିରୁ ଊର୍ଦ୍ଧ୍ୱ ଆଦାୟ

**ରାଷ୍ଟ୍ରୀୟ ଲୋକ ଅଦାଲତ**

କେନ୍ଦୁଝର,୮।୩(ଦୀପକ ମିଶ୍ର)


ବିଚାରପତି ମାମଲାର ବିଚାର କରୁଛନ୍ତି।

କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲା କୋର୍ଟ ସମେତ ଆନନ୍ଦପୁର ଓ ଚମ୍ପୁଆ ଅତିରିକ୍ତ ଜିଲାଜଜ କୋର୍ଟ, ବଡ଼ବିଲ, ହାଟଡ଼ିହୀ ଓ ତେଲକୋଇର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି କୋର୍ଟଗୁଡ଼ିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଦାଲତଗୁଡ଼ିକରେ ସମୁଦାୟ ୭୦୬୧ ମକଦ୍ଦମା ସମାଧାନ କରାଯାଇ ୩ କୋଟି ୫୨ ଲକ୍ଷ ୯୬ ହଜାର ୨୭୫ ଟଙ୍କା ୦୮ ପଇସା ଆଦାୟ ଆଦାୟ ହୋଇଥିଲା।

ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଅଦାଲତକୁ ଜିଲା ଜଜ କୋର୍ଟ ପରିସରରେ ପ୍ରାଧିକରଣର ଅଧ୍ୟକ୍ଷ ତଥା ଭାରପ୍ରାପ୍ତ ଜିଲାଜଜ ଏବଂ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ପ୍ରାଧିକରଣର ଅଧ୍ୟକ୍ଷା ରଶ୍ମିତା ଦଳାଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାୟୀ ଲୋକ ଅଦାଲତ ବିଚାରପତି ଇଂ. ବିଘ୍ନେଶ୍ୱର ରାଓ, ପରିବାର ଅଦାଲତର ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲାଜଜ ମମିତା ଦାସ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ମହିଳା କୋର୍ଟ ବିଚାରପତି ନେହା ଦାସ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା ଦାସ, କନିଷ୍ଠ ବିଚାରପତି ପ୍ରଥମଶ୍ରେଣୀ ଅମ୍ବିକେଶ ପାଣିଗ୍ରାହୀ ନିଜ ନିଜ କୋର୍ଟଗୁଡ଼ିକରେ ମକଦ୍ଦମା ପରିଚାଳନା କରିଥିଲେ। ପ୍ରାଧିକରଣର ସଚିବ ମାମି ବେହେରା ସମସ୍ତ କୋର୍ଟ ପରିଚାଳନା ଭାର ଏବଂ ଲୋକ ଅଦାଲତର କାର୍ଯ୍ୟଭାର ସମ୍ଭାଳି ଥିଲେ। ପ୍ରାକ୍ ବ୍ୟାଙ୍କ ମକଦ୍ଦମା ୩୨ଟି ମାମଲାର ସମାଧାନ ହୋଇ ୫୨, ୪୦, ୮୦୦ ଟଙ୍କା, ପ୍ରାକ ବିଏସ୍‌ଏନ୍‌ଏଲ୍ ମକଦ୍ଦମା ୨୬ରୁ ୫୨,୯୨୪ ଟଙ୍କା, ମୋଟର ଯାନ ଦୁର୍ଘଟଣା ୨୨ ମାମଲାରୁ ୧, ୬୬, ୬୦, ୦୦୦ ଟଙ୍କା, ରାଜସ୍ୱ ମକଦ୍ଦମା ୬୭୩୮ରୁ ୨୦, ୩୦, ୧୩୭ ଟଙ୍କା, ଦେୱାନୀ ମକଦ୍ଦମା ୪୪ରୁ ୪୦, ୪୮, ୭୩୮ ଟଙ୍କା ୮ପଇସା, ଫୌଜଦାରୀ ୧୧୬ରୁ ୨୭,୭୪,୪୯୯ ଟଙ୍କା, ପରିବାର ଅଦାଲତରେ ୨୨ଟି ମାମଲା ଫଇସଲା ହୋଇଥିଲା। ସ୍ଥାୟୀ ଲୋକ ଅଦାଲତ ଲୋକ ଉପଯୋଗୀ ସେବାର ମୋଟ ୬୧ଟି ମକଦ୍ଦମା ଫଇସଲା ହୋଇ ୪୪,୮୯,୧୬୭ ଟଙ୍କା ଆଦାୟ ହୋଇଥିଲା। କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରା, ଆଇନସେବା ପ୍ରାଧିକରଣର ପ୍ୟାନେଲ ଅଧିବକ୍ତା ତାରିଣୀ ପ୍ରସାଦ ପୋଥାଳ ପ୍ରମୁଖ ଉପସ୍ଥିତ ରହି ଲୋକ ଅଦାଲତରେ ସହଯୋଗ କରିଥିଲେ।

## 'ମହିଳାଙ୍କ କର୍ତ୍ତବ୍ୟ, ତ୍ୟାଗ ସର୍ବଦା ବନ୍ଦନୀୟ'

ଚମ୍ପୁଆ,୮।୩(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଉପାଧ୍ୟକ୍ଷା ସୁମିତ୍ରା ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ସମ୍ମାନିତ ଅତିଥିଭାବେ ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଏମ୍‌ପିଙ୍କ ପ୍ରତିନିଧି ସିଦ୍ଧାର୍ଥ ସିଂ, ବିଧାୟକ ପ୍ରତିନିଧି ଗଣେଷ ଖିଲାର ପ୍ରମୁଖ ଯୋଗଦେଇ ଚୁଲି ଜଳାଉଥିବା ମହିଳା ଉଡାଜାହାଜ ଚଳାଇବାରେ ସକ୍ଷମ। ପରିବାରବାଦଠାରୁ ଆରମ୍ଭ କରି ସାମାଜିକ, ସାଂସ୍କୃତିକ ଓ ପରମ୍ପରା ଭିତ୍ତିକ କ୍ଷେତ୍ରରେ ମହିଳାଙ୍କ କର୍ତ୍ତବ୍ୟ ଓ ତ୍ୟାଗ ସର୍ବାଦ ବନ୍ଦନୀୟ ବୋଲି ଅଭିହିତ କରିଥିଲେ। ମହିଳାମାନେ ଆଗକୁ ଆସି ନିଜ ଦକ୍ଷତା ପ୍ରତିପାଦନ କରି ସକ୍ଷମତାର ପରିଚୟ ଦେଇପାରୁଛନ୍ତି। ଆଜିର ମହିଳା କ୍ରୀଡ଼ା, ସଂସ୍କୃତି ଏପରିକି ମହାକାଶରେ ପହଞ୍ଚି ପାରିଛନ୍ତି ବୋଲି ଅତିଥି ଅଧିକାରୀମାନେ ମତ ରଖିଥିଲେ। ଏହି ପରୀପ୍ରେକ୍ଷୀରେ ଶକ୍ତିମୟୀ ସ୍ୱୟଂସହାୟକ ଗୋଷ୍ଠୀ, ମା' ମଙ୍ଗଳା ସ୍ୱୟଂ ସହାୟକା ଗୋଷ୍ଠୀ, ମୁଣ୍ଡାସାହି ବସ୍ତି ବାସିନ୍ଦା ସଂଘ, ମହିଳା ସ୍ୱାସ୍ଥ୍ୟ କର୍ମୀ, କର୍ମଚାରୀ, ଜନସାଥୀ, ସ୍ୱଚ୍ଛ ସାଥୀ, ସ୍ୱାସ୍ଥ୍ୟକର୍ମୀ ସମେତ ମହିଳା ଖବରଦାତା ମମତା ସେନାପତିଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନାତ୍ମକ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି କଚେରୀ ପଡ଼ିଆଠାରେ ପଞ୍ଚାୟତ ଲେବୁଲ ଫେଡ୍‌ରେସନ ପକ୍ଷରୁ ମହିଳା ଦିବସ ପାଳନ ହୋଇଥିଲା।

## ରାଜ୍ୟସ୍ତରୀୟ କମିଟି ତତ୍ତ୍ୱାବଧାନରେ ତଦନ୍ତ କରିବ ୨ ଟିମ୍

**ଡିଏମ୍‌ଏଫ୍ ଅନୁଦାନ ଦୁର୍ନୀତି ପ୍ରସଙ୍ଗ**

କେନ୍ଦୁଝର/ହାଟଡ଼ିହୀ,୮।୩(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲାରେ ଡିଏମ୍‌ଏଫ୍(ଜିଲା ଖଣିଜ ପାଣ୍ଠି) ଅନୁଦାନରେ ଦୁର୍ନୀତିର ତଦନ୍ତ ପାଇଁ ୨ ଟିମ୍ ଗଠନ ହୋଇଛି। ରାଜ୍ୟସ୍ତରୀୟ କମିଟି ତତ୍ତ୍ୱାବଧାନରେ ଟିମ୍ କାର୍ଯ୍ୟ କରିବ। ଗୋଟିଏ ଟିମ୍ ଡିଏମ୍‌ଏଫ୍ କାର୍ଯ୍ୟାଳୟ ଓ ଅନ୍ୟ ଏକ ଟିମ୍ ଡିଏମ୍‌ଏଫ୍ ଅନୁଦାନ ଗ୍ରହଣ କରିଥିବା ବିଭିନ୍ନ ବିଭାଗରେ ତଦନ୍ତ କରିବ। ଚଳିତ ମାସ ୪ ତାରିଖରେ ପିଆଣ୍ଡସି(ପ୍ଲାନିଂ ଆଣ୍ଡ କନଭରଜେନ୍ସ) ବିଭାଗ ତରଫରୁ ଚିଠି (ନଂ. ୩୪୧୪ ଏବଂ ୩୪୧୭)ରେ ତଦନ୍ତ ନିର୍ଦ୍ଦେଶ ଜାରି ହୋଇଛି।

ସୂଚନାଯୋଗ୍ୟ, ଡିଏମ୍‌ଏଫ ଅନୁଦାନ ଦୁର୍ନୀତି ନେଇ ଓଡ଼ିଶା ହାଇକୋର୍ଟଙ୍କ ନିକଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ପ୍ରଥମେ କେନ୍ଦୁଝର ଜିଲାପାଳଙ୍କୁ ଜବାବ ତଲବ କରାଯାଇଥିଲା। ପରେ ହାଇକୋର୍ଟ ଏହାର ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟସ୍ତରୀୟ କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରସଙ୍ଗରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ କମିଟି ବୈଠକ ଲୋକସେବା ଭବନରେ ଫେବୃଆରୀ ୨୧ରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଦାଏର ଅଭିଯୋଗକୁ ଅନୁଧ୍ୟାନ କରି ତଦନ୍ତ ପାଇଁ କମିଟି ସହମତି ପ୍ରକାଶ କରିଥିଲା। ତଦନ୍ତ ନିମନ୍ତେ ରାଜ୍ୟସ୍ତରୀୟ କମିଟି କେନ୍ଦୁଝର ଡିଏମ୍‌ଏଫ କାର୍ଯ୍ୟାଳୟକୁ ଏକ ଟିମ୍ ପଠାଇବ। ଟିମ୍‌ରେ ସମ୍ବଲପୁର ଉତ୍ତରାଞ୍ଚଳ ଆରଡିସି ସଚିନ ରାମଚନ୍ଦ୍ର ଯାଦବଙ୍କ ନେତୃତ୍ୱରେ ଫାଇନାନ୍ସ ସ୍ପେଶାଲ ସେକ୍ରେଟାରି ସନ୍ତୋଷ କୁମାର ସୁଆର, ପିଆଣ୍ଡସି ଅତିରିକ୍ତ ସଚିବ ଅଛନ୍ତି। ଅନ୍ୟ ଏକ ୩ ଜଣିଆ ଟିମ୍ ଜଣେ ଅତିରିକ୍ତ ସଚିବଙ୍କ ନେତୃତ୍ୱରେ ଡିଏମ୍‌ଏଫ୍ ଅନୁଦାନ ଗ୍ରହଣ କରିଥିବା ବିଭିନ୍ନ ବିଭାଗରେ ତଦନ୍ତ କରିବ। ଉଭୟ ଟିମ୍ ଅଭିଯୋଗ ଏବଂ ସଂଲଗ୍ନ ଦସ୍ତାବିଜ ଆଧାରରେ ୧୫ ଦିନ ମଧ୍ୟରେ ତଦନ୍ତ କରି ରାଜ୍ୟସ୍ତରୀୟ କମିଟିକୁ ରିପୋର୍ଟ ପ୍ରଦାନ କରିବ। ତଦନ୍ତ ରିପୋର୍ଟ ଆଧାରରେ ରାଜ୍ୟସ୍ତରୀୟ କମିଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଗୁରୁବାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ପିଆଣ୍ଡସି ବିଭାଗର ଅତିରିକ୍ତ ସଚିବ ସତ୍ୟପାଠ ଜରିଆରେ ଏ ନେଇ ରିପୋର୍ଟ ପ୍ରଦାନ କରିଥିବା ଓକିଲ ପ୍ରଶାନ୍ତ ଶତପଥୀ କହିଛନ୍ତି।

## ନୃତ୍ୟ ଗୀତର ତାଳେ ତାଳେ ପ୍ରତିଭା ମହୋତ୍ସବ ଉଦ୍‌ଘାଟିତ

ଖଇରା, ୮।୩(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ପୂଜ୍ୟପୂଜା ସଙ୍ଗଠନ ଆନୁକୂଲ୍ୟରେ ୨୩ ତମ ପ୍ରତିଭା ମହୋତ୍ସବ ଶନିବାର ସନ୍ଧ୍ୟାରେ ନୃତ୍ୟଗୀତର ତାଳେ ତାଳେ ଉଦ୍‌ଘାଟିତ ହୋଇଯାଇଛି । ସଭାପତି ବସନ୍ତକୁମାର ଖିଲାରଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ପଦ୍ମଲୋଚନ ପଣ୍ଡା ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଭା ଅନ୍ୱେଷଣରେ ପ୍ରତିଭା ପରିବାର ଭଳି ସଙ୍ଗଠନର ଉଦ୍ୟମକୁ ପ୍ରଶଂସା କରିଥିଲେ। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ମାଳତୀଲତା ସେଠୀ, ଉପଦେଷ୍ଟା ମୁକ୍ତିକାନ୍ତ ଶତପଥି ଓ ବିଷ୍ଣୁପ୍ରସାଦ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ମୁଖପତ୍ର ପ୍ରତିଭା ଉନ୍ମୋଚିତ ହୋଇଥିଲା। ରଘୁନାଥ ପତ୍ରୀ ବିବରଣୀ ପାଠ, ବିରଞ୍ଚି ନାରାୟଣ ପଣ୍ଡା ବେଦପାଠ, କୁଞ୍ଜଲତା ମାହୁନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶଶିକାନ୍ତ ଦାସ, ବିମନ କୁମାର ବାରିକ, ଆନନ୍ଦ କୁମାର ଦାସ, ପ୍ରଶାନ୍ତ କୁମାର ଦାସ ଓ ସୁଲୋଚନା ଭୋଳ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

## ଏମ୍‌ପିଙ୍କ ଗୋଡ଼ ଧରି ଛାଡ଼ ପାଇଲେ ମଦ ବେପାରୀ

ନୀଳଗିରି, ୮।୩(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଥାନା ଅଧୀନ ଗୋପୀନାଥପୁର ଅଞ୍ଚଳରେ ଅଭାବନୀୟ ଘଟଣା ଘଟିଛି। ଗୋପୀନାଥପୁର ଶାସନରେ ଶୁକ୍ରବାର ମେଳନ ଉତ୍ସବ ପାଇଁ ଯାତ୍ରା ହେଉଥିବା ବେଳେ ବିଭିନ୍ନ ଦୋକାନ ପଡ଼ିଥିଲା। ସେହି ଗ୍ରାମର ଅଜୟ ମହାରଣା ମହୁଲି ମଦ ବିକ୍ରି କରିବା ପାଇଁ ଆସିଥିବା ବେଳେ ଏହା ଦେଖି ପ୍ରତାପ ଷଡ଼ଙ୍ଗୀଙ୍କ ଭଣଜା ବାପୁ ବିରୋଧ କରିଥିଲେ। ହେଲେ ବେପାରୀ ଜଣକ ପାଲଟା ନାଲି ଆଖି ଦେଖାଇ ତାଙ୍କର ହାତ ମୋଡ଼ି ଦେଇଥିଲେ। ଏନେଇ ପୋଲିସରେ ଅଭିଯୋଗ ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ବେଳକୁ ବେପାରୀଜଣକ ସେଠାରୁ ଚମ୍ପଟ ମାରିଥିଲେ। ତେବେ ଶନିବାର ସକାଳେ ବେପାରୀ ଜଣକ ତାଙ୍କ ବାପାଙ୍କ ସହ ଆସି ଏମ୍‌ପିଙ୍କ ଗୋଡ଼ ଧରି ଭୁଲ ମାଗିଥିବା ବେଳେ ଆଉ ଏଭଳି ମଦ ବିକ୍ରି କରିବ ନାହିଁ ବୋଲି ଲିଖିତ ଭାବେ ଦେଇଥିଲେ। ପରେ ଏମ୍‌ପି ଷଡ଼ଙ୍ଗୀ ତାଙ୍କୁ ଚେତାବନୀ ଦେଇ ଛାଡ଼ି ଦେଇଥିଲେ।

## ମହିଳାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱରସ୍ଥିତ କାଳିଝାଟି ପଡ଼ିଆରେ ଶନିବାର ଓଡ଼ିଶା ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମହାସଂଘ ପକ୍ଷରୁ ଆର୍ନ୍ତଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ସଂଘ ଆବାହକ ସୁବଳ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରକୃତିମିତ୍ର ସୁମନ୍ତ କୁମାର ଜେନା ଯୋଗଦେଇ ସାମାଜିକ, ରାଜନୈତିକ, ଅର୍ଥନୈତିକ କ୍ଷେତ୍ରରେ ମହିଳାଙ୍କୁ ପ୍ରତିଷ୍ଠିତ କରାଇବା ଦିଗରେ ଜନସଚେତନତା ସୃଷ୍ଟି କରାଇବା ପାଇଁ ଏହି ଦିବସ ପାଳନ ହୋଇଆସୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ସୌମ୍ୟଦୀପ ଚକ୍ରବର୍ତ୍ତୀ, ସମ୍ମାନନୀୟ ଅତିଥି ଭାବେ ରାଜ୍ୟ ମହାସଂଘର ସଭାନେତ୍ରୀ ସାରଦା ଗିରି, ବରିଷ୍ଠ ଖବରଦାତା ରବିରଞ୍ଜନ ତ୍ରିପାଠୀ, ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ପାତ୍ର ଓ ବସନ୍ତ ସେନାପତି ପ୍ରମୁଖ ଯୋଗଦେଇ ମହିଳାମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ।

